ଆଜି - ସୋମବାର
ତାରିଖ - ୧୭ ଅଗଷ୍ଟ ୨୦୨୬
ମାସ - ସିଂହ, ଦିନ - ୦୧
ତିଥି - ପଂଚମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଚିତ୍ରା, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୦ : ୦୦
ସୂର୍ଯ୍ୟାସ୍ତ - ୬ : ୧୦: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଶକ୍ତି ବିଜୟରୁ ପ୍ରାପ୍ତ ହୋଇ ନଥାଏ । କଠିନ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିସ୍ଥିତି ସାମ୍ନାରେ ମୁଣ୍ଡ ନ ନୁଆଁଇବାକୁ ନିଷ୍ପତି ନେବା ହିଁ ଶକ୍ତି ।"

- ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 124 R.N.I. REGD. No. 44026/86 ବାଲେଶ୍ୱର ୧୭ ଅଗଷ୍ଟ ୨୦୨୬ ସୋମବାର BALASORE 17 AUGUST 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଲାଲକିଲ୍ଲାର ପ୍ରାଚୀରରୁ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଅଭିଭାଷଣ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ମୋର ପ୍ରିୟ ଦେଶବାସୀ, ଆମେ ସମସ୍ତେ ଅଶୀତମ ସ୍ୱାଧୀନତା ଦିବସ ପାଳନ କରୁଛୁ । ଆଜି ପ୍ରତ୍ୟେକଟି ହୃଦୟର ସ୍ପନ୍ଦନ ବନ୍ଦେ ମାତରମ ନାଦରେ ପ୍ରତିଧ୍ୱନିତ ହେଉଛି । ଆଜି ଦେଶର ପ୍ରତିଟି ଘରେ ତ୍ରିରଙ୍ଗା ଉଡୁଛି, ଆଉ ପ୍ରତିଟି ମନ ମଧ ତ୍ରିରଙ୍ଗା ହୋଇଛି । ଆଉ, ଦେଶ ଆଜି ଉତ୍ସାହ ତଥା ଉଦ୍ଦୀପନା ସହିତ ନୂତନ ସଂକଳ୍ପର ନେଇ ଆଗକୁ ବଢୁଛି । ଆପଣମାନଙ୍କୁ ସ୍ୱାଧୀନତା ଦିବସର ଅନେକ ଅନେକ ଶୁଭକାମନା । ଦେଶ ଆଜି ସେହି ମହାନ ସୁପୁତ୍ରମାନଙ୍କୁ ପୁଣ୍ୟ ସ୍ମରଣ କରୁଛି, ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନର ପରାକାଷ୍ଠା ଦେଖାଇଛନ୍ତି ।, ନିଜର ତପସ୍ୟା, ତ୍ୟାଗ ଏବଂ ବଳିଦାନ ଜରିଆରେ ସ୍ୱାଧୀନତାର ସେହି ଏକମାତ୍ର ଲକ୍ଷ୍ୟକୁ ନେଇ ନିଜର ସମଗ୍ର ଜୀବନ ଉତ୍ସର୍ଗ କରି ଦେଇଥିଲେ । ପୂଜ୍ୟ ବାପୁଙ୍କ ସମେତ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଏବଂ ବଳିଦାନର ମହାନ ପରମ୍ପରାକୁ ଜାଗ୍ରତ କରିଥିବା କ୍ରାନ୍ତିକାରୀମାନଙ୍କୁ ଆଜି ମୁଁ ଶ୍ରଦ୍ଧାପୂର୍ବକ ପ୍ରଣାମ କରୁଛି । ଆଜି ଯେଉଁମାନେ ଏହି ସମାରୋହରେ ଉପସ୍ଥିତ ଅଛନ୍ତି, ସେ ସମସ୍ତଙ୍କ ପାଇଁ ଆଜି ଏକ ଐତିହାସିକ ମୁହୂର୍ତ ମଧ । ସ୍ୱାଧୀନତା ପରେ ଏଇ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରେ ପ୍ରଥମ ଥର ପାଇଁ ବନ୍ଦେ ମାତରମ



ଗୁଞ୍ଜରିତ ହେଉଛି । ଆଜି ଯେତେବେଳେ ଆମେ ସାରା ଦେଶବାସୀ ବନ୍ଦେମାତରମର ୧୫୦ ବର୍ଷ ପାଳନ କରୁଛୁ, ଏହାଠାରୁ ବଳି ଉତମ ସୁଯୋଗ ଆଉ କ'ଣ ହୋଇପାରେ ମୋର ପ୍ରିୟ ଦେଶବାସୀ, ବିଗତ କିଛି ଦିନ ହେବ ଦେଶର କେତେକ ଅଂଚଳରେ ବନ୍ୟାର ପ୍ରକୋପ ଦେଖାଦେଇଛି, ଭୂସ୍ଖଳନ ହୋଇଛି, ଏଥିରେ ଅନେକ ପରିବାର ପ୍ରଭାବିତ ହୋଇଛନ୍ତି । ସେମାନଙ୍କର ଦୁଃଖ କଷ୍ଟକୁ ଆମେ ଭଲ ଭାବରେ ଅନୁଭବ କରୁଛୁ । ପୀଡ଼ିତ ପରିବାରଙ୍କୁ ମୁଁ ବିଶ୍ୱାସ ଦେଉଛି ଯେ, ଆଜି ସାରା ଦେଶ ସେମାନଙ୍କ ସହ ଠିଆ ହୋଇଛି । ମୋର ପ୍ରିୟ ଦେଶବାସୀ, ଯେତେବେଳେ କୌଣସି ରାଷ୍ଟ୍ର ମହାନ ହୁଏ, ସେତେବେଳେ ଏହା ନିଜର ସିଦ୍ଧିଗୁଡ଼ିକୁ ହାସଲ କରିଥାଏ, ସେତେବେଳେ ଏହା ନିଜର ସ୍ୱପ୍ନ, ନିଜର ସଂକଳ୍ପ ଏବଂ ନିଜର ସାମର୍ଥ୍ୟ ବଳରେ ଆଗକୁ ବଢ଼େ । ମୋର ପ୍ରିୟ ଦେଶବାସୀ, ଏବେ, ଛୋଟ ସ୍ୱପ୍ନ ଦେଖିଲେ ଚଳିବ ନାହିଁ । ଆମକୁ ବଡ଼ ସ୍ୱପ୍ନ ଦେଖିବାକୁ ହେବ, କାରଣ ବଡ଼ ସ୍ୱପ୍ନ ଆମର ବିଚାରକୁ ପ୍ରସାରିତ କରେ, ତାହା ଆମର ବିଚାରଧାରାର ଦିଗବଳୟକୁ ଆହୁରି ବିସ୍ତୃତ କରେ । ଏହା ହିଁ ଆମର ସଂକଳ୍ପ ହେବା ଉଚିତ । ସଂକଳ୍ପ ଦୃଢ଼ ହେଲେ, କଷ୍ଟକର ପରିସ୍ଥିତି ଏବଂ ବିପତି ମଧ୍ୟରୁ ବାଟ କାଢ଼ିବାର ସାମର୍ଥ୍ୟ ଆପେ ଆପେ ପ୍ରକଟ ହୋଇଥାଏ । ଆଉ ମୋର ପ୍ରିୟ ଦେଶବାସୀ, ଆମର ସଂକଳ୍ପ ମଧ ଉଚ୍ଚ ହେବା ଉଚିତ, କାରଣ ସ୍ୱପ୍ନ ଯେତେ ଉଚ୍ଚା ହୁଏ ଏବଂ ସଂକଳ୍ପ ଯେତେ ବଡ଼ ହୁଏ, ଆମ ସାମର୍ଥ୍ୟ ଏବଂ ଆମ ପ୍ରୟାସର ଉଚ୍ଚତା ମଧ ସେତିକି ବୃଦ୍ଧି ପାଏ । ଆମ ପ୍ରୟାସର ଉଚ୍ଚତା ବଢ଼ିଲେ ଯାଇ ଆମେ ଆମର ସ୍ୱପ୍ନକୁ ସାକାର କରିପାରିବା । ମୋର ପ୍ରିୟ ଦେଶବାସୀ, ଆଜି ଭାରତ ମଧ ଏକ ବହୁତ ବଡ଼ ସ୍ୱପ୍ନ ଦେଖିଛି, ଦୃଢ଼ ସଂକଳ୍ପ ସହିତ ଦେଖିଛି । ନୂତନ ଶିଖରକୁ ଛୁଇଁବା ପାଇଁ ଏ ସ୍ୱପ୍ନ ଦେଖିଛି, ସେ ସ୍ୱପ୍ନଟି ହେଉଛି ୨୦୪୭ ମସିହାର, ଯେତେବେଳେ ଦେଶ ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବ । ଆମେ ନିଶ୍ଚୟ ବିକଶିତ ଭାରତ ଗଢ଼ି ତୋଳିବା । ୧୪୦ କୋଟି ଦେଶବାସୀଙ୍କ ପୁରୁଷାର୍ଥ ବଳରେ ଆମକୁ ଏହି ଲକ୍ଷ୍ୟ ହାସଲ କରିବାକୁ ହେବ । ଯେତେବେଳେ ବିଶ୍ୱର ସବୁଠାରୁ ବଡ଼ ଜନସଂଖ୍ୟା ବିଶିଷ୍ଟ ଦେଶ ବିକଶିତ ହେବାର ସଂକଳ୍ପ ନିଏ, ଏହା ଦୁନିଆ ନଜରରେ ମଧ ଆମ ସାହସର ପରିଚାୟକ ହୋଇଯାଏ । ଦୁନିଆ ଆମ ପ୍ରତି ଦେଖିବାର ଦୃଷ୍ଟିକୋଣ ବଦଳାଇବାକୁ ବାଧ ହୋଇଯାଏ ।

### ସ୍ୱାଧୀନତା ଦିବସ ଅବସରରେ ଲୋକଭବନରେ ଆଟ୍-ହୋମ୍ ଅନୁଷ୍ଠିତ

## ବିଭିନ୍ନ ବର୍ଗର ଅତିଥିମାନଙ୍କ ସହିତ ଭାବବିନିମୟ କଲେ ରାଜ୍ୟପାଳ




ଭୁବନେଶ୍ୱର : ୮୦ତମ ସ୍ୱାଧୀନତା ଦିବସ ଅବସରରେ ଶନିବାର ସନ୍ଧ୍ୟାରେ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସୌଜନ୍ୟରେ ରାଜଭବନଠାରେ ଆଟ୍-ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳଙ୍କ ଆମନ୍ତ୍ରଣ କ୍ରମେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶ୍ରୀ ହରିଶ ଟଣ୍ଡନ, ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏତଦବ୍ୟତୀତ ଓଡ଼ିଶା ହାଇକୋର୍ଟର ମାନ୍ୟବର ନ୍ୟାୟମୂର୍ତ୍ତି, ମାନ୍ୟବର ସାଂସଦ ଓ ବିଧାୟକ, ପଦ୍ମ ପୁରସ୍କାର ବିଜେତା, ରାଜନୈତିକ ଦଳର କର୍ମକର୍ତ୍ତା / ବିଶିଷ୍ଟ ବ୍ୟକ୍ତି ବିଶେଷ, ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍, ସାରସ୍ୱତ ସ୍ରଷ୍ଟା, କଳାକାର, ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ, ଶିଳ୍ପୀ, କାରିଗର, ସ୍ୱେଚ୍ଛାସେବୀ, ନାରୀ ଶକ୍ତି ସମ୍ମାନ ବିଜେତା, ମହିଳା ଉଦ୍ୟୋଗୀ, ଦିବ୍ୟାଙ୍ଗ, ପରିବେଶ ଯୋଦ୍ଧା, ମହିଳା ସରପଂଚ, 'ମନ କି ବାତ' ରେ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ବ୍ୟକ୍ତି ବିଶେଷ, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଆଟ୍-ହୋମ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମପାଟି ବିଭିନ୍ନ ବର୍ଗର ଅତିଥିମାନଙ୍କ ସହିତ ଭାବବିନିମୟ କରିଥିଲେ ।

### ଅଳ୍ପରେ ଖବର

» ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ।

» ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତମ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ତଥା ଐତିହାସିକ ଘୋଷଣା କରିଛନ୍ତି ।

» ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାପାଳ ସମସ୍ତ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ଛୁଟି ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ ସ୍ଥିତି ତଦାରଖ ଏବଂ ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ମୁଖ୍ୟାଳୟରେ ରହିବାକୁ ପଡିବ ।

## ଗାନ୍ଧୀମାର୍ଗରେ ଜାତୀୟ ପତାକା ଉତୋଳନ କଲେ ମୁଖ୍ୟମନ୍ତ୍ରୀ

### ରାଜ୍ୟବାସୀଙ୍କୁ ଦେଲେ ବିକଶିତ ଓଡ଼ିଶାର ବାର୍ତ୍ତା

ଭୁବନେଶ୍ୱର: ଦେଶ ପାଳନ କରୁଛି ୮୦ତମ ସ୍ୱାଧୀନତା ଦିବସ । ଏହି ଅବସରରେ ଭୁବନେଶ୍ୱରର ଗାନ୍ଧୀମାର୍ଗରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଆୟୋଜିତ ହୋଇଛି । ଏହି ଗୌରବମୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଛନ୍ତି । ପତାକା ଉତୋଳନ ପରେ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମରେ ଦେଶ ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ସେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଓ ଜନଆନ୍ଦୋଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ଜନଆନ୍ଦୋଳନ ବିନା ଭାରତର ସ୍ୱାଧୀନତାର ପରିକଳ୍ପନା



ଅସମ୍ପୂର୍ଣ୍ଣ । ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିବା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ସମେତ ଓଡ଼ିଶାର ବୀର ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚକରା ବିଷୋଇ, ଧର୍ମପଦ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ମାଲତୀ ଚୌଧୁରୀ, ଭାଗୀରଥୀ ମହାପାତ୍ର ଓ ନୀଳକଣ୍ଠ ଦାସଙ୍କ ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।
୮୦ ବର୍ଷର ସ୍ୱାଧୀନ ଭାରତ ଏବେ ବିକାଶର ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି । ଗତ ଏକ ବର୍ଷ ଦେଶ ପାଇଁ ଘଟଣାବହୁଳ ଥିବା କହି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ଆହ୍ୱାନ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ସଠିକ୍ ଦିଗରେ ଆଗେଇ ନେଇଛନ୍ତି । ଦେଶର ସୁରକ୍ଷା ମଜବୁତ ହୋଇଥିବା ଏବଂ ଯୁବଶକ୍ତି ଦେଶ ଗଠନରେ ସାମିଲ ହେଉଥିବା ସେ କହିଛନ୍ତି । ମାଓବାଦ ଦମନରେ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବନ୍ୟାସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମୀକ୍ଷା କଲେ ମୁଖ୍ୟ ଶାସନସଚିବ

### ସରକାରୀ ଅଫିସରଙ୍କ ଛୁଟି ବାତିଲ; ୩ଜିଲ୍ଲାକୁ ଗଲେ ୩ ବରିଷ୍ଠ ଅଧିକାରୀ

ଭୁବନେଶ୍ୱର : ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଯେଉଁମାନେ ପୂର୍ବରୁ ଛୁଟିରେ ଅଛନ୍ତି, ସେମାନଙ୍କୁ ମଧ ଶୀଘ୍ର କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଅଧିକାରୀଙ୍କୁ କ୍ଷେତ୍ରରେ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିବାକୁ କୁହାଯାଇଛି । ବର୍ଷା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଲୋଚନା ହୋଇଛି । ଆଇଏମଡି ଆକଳନ କରିଛି ୧୬ରୁ ୧୮ ପ୍ରବଳ ବର୍ଷା ହେବ । ୧୭ ତାରିଖରେ ବର୍ଷାର ପରିମାଣ ଆହୁରି ବଢ଼ିବ । ୧୮ ତାରିଖରେ ଟିକେ କମିବ ଏବଂ ୧୯ ରେ ପାଗ ଠିକ୍ ହୋଇଯିବ । ଜୁନ ୧ରୁ



ଅଗଷ୍ଟ ୧୬ ଯାଏଁ ୯୫୩ ମିଲିମିଟର ବର୍ଷା ହୋଇଛି । ଯାହା ଅନ୍ୟ ବର୍ଷ ଠାରୁ ୨୭% ଅଧିକ ବର୍ଷା । ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ପଠାଯାଇଛି । ସେମାନେ ପୂର୍ବରୁ ବନ୍ୟା ପରିଚାଳନା କରିଛନ୍ତି । ଏବେ ଜିଲ୍ଲାପାଳଙ୍କୁ ସହଯୋଗ କରିବେ । ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ପଠାଯାଇଛି । ବୈଠକରେ ଏସଆରସି ରାଜେଶ ପ୍ରଭାକର ପାଟିଲ, ରାଜସ୍ୱ ସଚିବ ଅରବିନ୍ଦ ପାଢ଼ୀ, ଜଳ ସମ୍ପଦ ସଚିବ ଶୋଭା ଶର୍ମା, ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ବର୍ଷା ଓ ବନ୍ୟା ପ୍ରଭାବିତ ଜ ି ଲ ୍ । ର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ବର୍ଷାରେ ୪୯ଟି ବ୍ଲକ, ୫ଟି ସହର ଓ ୩୩୧ଟି ଗ୍ରାମ ପଂଚାୟତ ପ୍ରଭାବିତ ହୋଇଛି । ପ୍ରାୟ ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ସୁରକ୍ଷା ଦୃଷ୍ଟିରୁ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ଲୋକଙ୍କ ପାଇଁ ୨୯୩ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି ।

## ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ନେଲେ ବିନୟତୋଷ ମିଶ୍ର

ଭୁବନେଶ୍ୱର: କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର ରବିବାର ଦିନ



ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏବଂ ପୋଲିସ ବାହିନୀର ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୱାଇ ବି ଖୁରାନିଆଙ୍କ ସ୍ଥାନ ନେଇଛନ୍ତି । ସେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରି ତାଙ୍କର କର୍ତ୍ତବ୍ୟ ସୁଗମ ଏବଂ ପ୍ରଭାବଶାଳୀ ଭାବରେ ସମ୍ପାଦନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମହିଳା ସୁରକ୍ଷା ପ୍ରଶାସନର ଏଜେଣ୍ଡାର ଶୀର୍ଷରେ ରହିଛି । ସେ ସାଇବର ଅପରାଧ ମୁକାବିଲା ପାଇଁ ପ୍ରମୁଖ ପଦକ୍ଷେପ ଘୋଷଣା କରିଛନ୍ତି । ରାଜ୍ୟ ସାଇବର ୟୁନିଟ୍ ପ୍ରତିଷ୍ଠା ପରେ କାର୍ଯ୍ୟଗୁଡ଼ିକ ଅଧିକ ସକ୍ରିୟ ହେବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ଏହା ବ୍ୟତୀତ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ବିଭାଗର ଦୃଢ଼ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ଚଳିତ ବନ୍ୟା ପରିସ୍ଥିତି ସମ୍ପର୍କରେ ସେ ଆଶ୍ୱାସନା ଦେଇ କହିଛନ୍ତି ଯେ ପ୍ରଭାବିତ ଜନସଂଖ୍ୟାକୁ ସହାୟତା କରିବା ପାଇଁ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ ଦଳଗୁଡ଼ିକୁ ପୂର୍ବରୁ ତଳିଆ ଅଂଚଳରେ ନିୟୋଜିତ କରାଯାଇଛି । ଲୋକମାନଙ୍କୁ ଆବଶ୍ୟକ ରିଲିଫ୍ ଏବଂ ସହାୟତା ଯୋଗାଇବା ଆମର ବର୍ତ୍ତମାନର ପ୍ରାଥମିକତା । ତେବେ ଅଗଷ୍ଟ ୧୮ ତାରିଖ ଯାଏଁ ସୁପ୍ରିମକୋର୍ଟ ଟଟଝଉକୁ ଡିଏଚ ଚୟନ ପ୍ୟାନେଲର ଚୂଡ଼ାନ୍ତକରଣକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାର ଏକ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ଗ୍ରହଣ କରିଥିଲେ ।ଯେଉଁଥିରେ ପ୍ରକାଶ ସିଂହ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି ରାଜ୍ୟ ଜଣେ କନିଷ୍ଠ ଅଧିକାରୀଙ୍କୁ ସାମିଲ କରିବାକୁ ଚେଷ୍ଟା କରିଥିଲା ବୋଲି ଅଭିଯୋଗ କରାଯାଇଥିଲା । ୧୯୯୩ ବ୍ୟାଚ୍ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ପରବର୍ତ୍ତୀ ଡିଏଚ ପଦବୀ ଦୌଡ଼ରୁ ବାଦ ଦିଆଯାଇଥିଲା । କାରଣ ସେ ତାଲିକାଭୁକ୍ତ ହେବା ସମୟରେ ଅବସର ତାରିଖ ପୂର୍ବରୁ ସର୍ବନିମ୍ନ ଛଅ ମାସ ଅବଶିଷ୍ଟ ସେବାର ମାନଦଣ୍ଡ ପୂରଣ କରିପାରିନଥିଲେ ।

## ବର୍ଷା ଓ ବନ୍ୟା ବିପ୍ରାତ: ଉତର ଓଡ଼ିଶାର ସ୍ଥିତି ଅସମ୍ଭାଳ, ଜଳବନ୍ଦୀରେ ଲୋକ

ଭୁବନେଶ୍ୱର : ରାଜ୍ୟରେ ଲଗାଣ ବର୍ଷା ଓ ନଦୀଗୁଡ଼ିକର ଫୁଲନ୍ତା ରୂପ ସାଧାରଣ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । ବିଶେଷ କରି ଉତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି । କେନ୍ଦୁଝର ଭୀମକୁଣ୍ଡରେ ବୈତରଣୀ ନଦୀର ଜଳସ୍ତର ୬୦ ଫୁଟ୍ ଉପରେ ପ୍ରବାହିତ ହେଉଥିବା ବେଳେ ସହର ଭିତରେ ବନ୍ୟାଜଳ ପଶିଯାଇଛି । ଜୁଡ଼ିଆ ଘାଟିରେ ପାହାଡ଼ରୁ ପଥର ଖସି ଯାତାୟାତ ବାଧାପ୍ରାପ୍ତ ହୋଇଛି । ଅନ୍ୟପଟେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ତରପଦା ପଂଚାୟତରେ କାଣୀ ନଦୀର ୩୦ ଫୁଟ୍ ବନ୍ଧ ଧସିଯିବା ପରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ମରାମତି ଚାଲିଛି । ଭଦ୍ରକ ଜିଲ୍ଲା ଆଖୁଆପଦା ନିକଟରେ ବୈତରଣୀ ଓ ସାଳନ୍ଦୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଫଳରେ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍‌ର ଅନେକ ଅଂଚଳ ଜଳମଗ୍ନ ହୋଇଛି । ରାସ୍ତା ଉପରେ ପାଣି





ଚାଲିବାରୁ ପ୍ରସିଦ୍ଧ ଆଖଣ୍ଡଳମଣି ପୀଠକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଶ୍ରାବଣ ସୋମବାର ଥିବାରୁ କାଉଡ଼ିଆ ଏବଂ ସ୍ଥାନୀୟ ଲୋକେ ବିପଦସଙ୍କୁଳ ଭାବେ ପାଣି ସୁଅରେ ଯିବାଆସିବା କରୁଛନ୍ତି । ବାଲେଶ୍ୱର ଜିଲ୍ଲା ବସ୍ତାରେ ଜଳକା ନଦୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିଲେ ମଧ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ । ବାସିଚକୁରାଇ ପଂଚାୟତର ପ୍ରାୟ ୧୦୦ଟି ଘରେ ପାଣି ପଶି ରହିଥିବାରୁ ଚୁଲି ଜଳିପାରୁ ନାହିଁ ଏବଂ ବ୍ୟାପକ ଚାଷଜମି ନଷ୍ଟ ହୋଇଛି । ଦେବଗିରି ପାହାଡ଼ରୁ ପ୍ରବଳ ପାଣି ଆସିବାରୁ ପଂଚଲିଙ୍ଗେଶ୍ୱର ପୀଠ ବନ୍ଦ ରହିଛି ଏବଂ ସେଠାରେ ୪ ଜଣ ପୂଜକ ଓ କର୍ମଚାରୀ ଫସି ରହିଛନ୍ତି । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପେଣ୍ଠପାଳ ପଂଚାୟତର ଏକ ଆଶ୍ରମ ବିଦ୍ୟାଳୟ ଚାରିପଟେ ବନ୍ୟାଜଳ ମାଡ଼ିଯିବାରୁ ହଷ୍ଟେଲରେ ଫସିଥିବା ପ୍ରାୟ ୩୦୦ ଛାତ୍ରଛାତ୍ରୀଙ୍କୁ ଅଗ୍ନିଶମ ବାହିନୀ ସୁରକ୍ଷିତ ଉଦ୍ଧାର କରିଛି । ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ମଧ ବନ୍ୟା ଯୋଗୁଁ ସ୍ଥିତି ବେହାଲ ହୋଇଛି । ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକ୍ ରୁକୁଡା ଡ୍ୟାମ୍ ପାଣି ଘେରରେ ଘାଟପୋଷ ଗ୍ରାମର ୧୭ଟି ପରିବାର ଜଳବନ୍ଦୀ ହୋଇ ରାସ୍ତା ଉପରେ ଆଶ୍ରୟ ନେଇଛନ୍ତି । ସେପଟେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ରାହ୍ମଣୀ ନଦୀ ଟାପୁରେ ଫସି ରହିଥିବା ୬୦ରୁ ଉର୍ଦ୍ଧ୍ୱ ଗୋରୁଗାଈଙ୍କୁ ଉଦ୍ଧାର କରାଯାଇଛି । ସମଗ୍ର ରାଜ୍ୟରେ ଏବେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜୋରଦାର ଚାଲିଛି ।

# ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଗରିମାମୟ ଭାବେ ପାଳିତ



ବାଲେଶ୍ୱର(ନିପ୍ର): ସକାଳ ୯.୧୫ ଘଟିକାରେ ବାଲେଶ୍ୱର ପୋଲିସ ପ୍ୟାରେଡ୍ ପଡିଆ ଠାରେ ଜିଲ୍ଲା ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଗରିମାମୟ ଭାବେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରି ସଲାମୀ ଗ୍ରହଣ କରିଥିଲେ । ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀଯୁକ୍ତ ମାନସ କୁମାର ଦତ, ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ, ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ, ପ୍ରମୁଖ ଅଧିକାରୀ ବୃନ୍ଦ ଏବଂ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ଭୋର ସକାଳ ୪ ଘଟିକା ସମୟରେ ସହର ସାରା ଡ଼ାକବାଜି ଯନ୍ତ ମାଧମରେ ରାମଧୁନ ପରିବେଷଣ କରାଯାଇଥିଲା । ପରେ ଜିଲ୍ଲାପାଳଙ୍କ ଆବାସ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସାମ୍ବାଦିକ ପ୍ରକୋଷ୍ଠ ଓ ଅଫିସର କ୍ଲବରେ ଜିଲ୍ଲାପାଳ ମହୋଦୟ ଜାତୀୟ ପତାକା ଉତୋଳନ କରିବା ସହିତ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ପୂର୍ବାହ୍ନ ୯.୧୫ ଘଟିକାରେ ପୋଲିସ ରିଜର୍ଭ ପଡିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତୋଳନ ପରେ ପ୍ୟାରେଡ୍, ପ୍ରଜ୍ଞାପନ ମେଢ଼, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୋଲିସ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କର ମୋଟ ୫୫ଟି କଂଟିଜେଂଟ ପ୍ୟାରେଡରେ ଭାଗ ନେଇଥିଲେ ଏବଂ ୮ଟି ପ୍ରଜ୍ଞାପନ ମେଢ଼ ଓ ମହାବୀର ଆଖଡ଼ା ସଂଘ ସମେତ ମୋଟ ୫ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ମାନପତ୍ର ପ୍ରଦାନ ସହ ପ୍ୟାରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜୟୀ ଦଳମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ମନ୍ତ୍ରୀ ମହୋଦୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ପରିଦର୍ଶନ କରି ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ । ପରେ ବାଲେଶ୍ୱର ଜେଲରେ ଥିବା କଏଦୀ ମାନଙ୍କୁ ଖାଦ୍ୟ ବଂଟନ କରିଥିଲେ । ଅପରାହ୍ନରେ ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନରେ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇ ଚିତ୍ରାଙ୍କନ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ବାଲେଶ୍ୱର ଆଇନ୍ ମହା ବିଦ୍ୟାଳୟଳର ସୃଷ୍ଟିକର୍ତା ପ୍ରଶାନ୍ତ ଗ୍ରନ୍ଦଙ୍କ ଦେହାନ୍ତ



ବାଲେଶ୍ୱର(ନିପ୍ର): ୧୫ ତାରିଖ ରାତିରେ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ସୃଷ୍ଟି କର୍ତା ବରିଷ୍ଠ ରୋଟାରିଆନ୍ ତଥା ଆଇନ୍‌ଜୀବୀ ପ୍ରଶାନ୍ତ କୁମାର ଗ୍ରନ୍ଦଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟ ବେଳକୁ ତାଙ୍କର ୯୭ ବର୍ଷ ହୋଇଥିଲା ମୃତ୍ୟୁ ଖବର ପ୍ରଘର ହେବା କ୍ଷଣି ବାଲେଶ୍ୱର ବାରର ସଭାପତି ମନୋଜ ନାୟକ, ଜିତେନ୍ଦ୍ର ଉପାଧ୍ୟାୟ, ସମ୍ବିତ କୁମାର ନନ୍ଦୀ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କ ସମେତ ବାଲେଶ୍ୱର ସହରର ବହୁ ବିଶିଷ୍ଟ ବ୍ୟକ୍ତି, ଆଇନଜୀବୀ ପ୍ରମୁଖ ତାଙ୍କ ସହଦେବଖୁଂଟା ସ୍ଥିତ ବାସ ଭବନକୁ ଯାଇ ଅନ୍ତିମ ଦର୍ଶନ କରିବା ସଙ୍ଗେସଙ୍ଗେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଉଜ୍ୱଳ ଚନ୍ଦ୍ର ଚାନ୍ଦ, ଉତମ ଗ୍ରନ୍ଦ, ଶ୍ରବଣ ଗ୍ରନ୍ଦ, କଲ୍ୟାଣ ଗ୍ରନ୍ଦ ଓ ତାଙ୍କର ଜାମାତା ଅଭୟ କରଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ । ଆଇନ ମହାବିଦ୍ୟାଳୟ, ରୋଟାରୀ କ୍ଲବ୍, ସାମାଜିକ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଥିବା ଅବର୍ଣ୍ଣନୀୟ ।

# ଜଳଘେରରେ ଥିବା ଲୋକଙ୍କୁ ଭେଟି ସ୍ଥିତି ସମୀକ୍ଷା କଲେ ସାଂସଦ ଓ ବିଧାୟକ



ବାଲେଶ୍ୱର(ନିପ୍ର): ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ବାଲେଶ୍ୱର ସଦର ଅଂଚଳର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଅନେକ ଗ୍ରାମ ଓ ତଳିଆ ଅଂଚଳ ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ପ୍ରଭାବିତ ବୁଆଁଳ ଓ ଶ୍ରୀକୋଣା ଅଂଚଳ ପରିଦର୍ଶନ କରି ଜଳଘେରରେ ଥିବା ଲୋକଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ଓ ବର୍ତମାନର ସ୍ଥିତି ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଅବଗତ ହୋଇଛନ୍ତି । ପରିଦର୍ଶନ ସମୟରେ ସାଂସଦ ଓ ବିଧାୟକ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଜଳବନ୍ଦୀ ଯୋଗୁଁ ସେମାନେ ସମ୍ମୁଖୀନ ହେଉଥିବା ଯାତାୟାତ, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ପ୍ରଭାବିତ ଲୋକଙ୍କ ନିକଟରେ ଆବଶ୍ୟକ ସହାୟତା ପହଂଚାଇବାକୁ ପ୍ରାଥମିକତା ଦିଆଯାଇଥିବାବେଳେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ମଧ ଯୋଗାଇ ଦିଆଯାଇଛି । ପ୍ରଭାବିତ ଅଂଚଳରେ କୌଣସି ପରିବାର ଯେପରି ଆବଶ୍ୟକ ସହାୟତାରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସମସ୍ତ ସ୍ତରରେ ପ୍ରୟାସ ଜାରି ରହିଛି ବୋଲି ସାଂସଦ କହିଛନ୍ତି । ରାଜ୍ୟ ସରକାର ଲୋକଙ୍କ ସୁରକ୍ଷା ଓ ସହାୟତାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କ ସହ ସରକାର ଦୃଢ଼ତାର ସହ ଠିଆ ହୋଇଛନ୍ତି ବୋଲି ବିଧାୟକ ପରିପ୍ରକାଶ କରିଛନ୍ତି । ସେ ମଧ କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ସଦର ଅଂଚଳର ଯେଉଁ ସବୁ ସ୍ଥାନରେ ଲୋକେ ଜଳବନ୍ଦୀ ଓ ଅନ୍ୟାନ୍ୟ ସମସ୍ୟାରେ ରହିଛନ୍ତି, ସେମାନଙ୍କ ପାଖରେ ସହାୟତା ପହଂଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା । ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଆମ ସରକାର ସମ୍ବେଦନଶୀଳତା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରୁଛନ୍ତି । ପ୍ରଶାସନ ସହ ସମନ୍ୱୟ ରଖି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ । ସାଂସଦ ଓ ବିଧାୟକ ପ୍ରଭାବିତ ଲୋକଙ୍କୁ ଧୈର୍ଯ୍ୟ ନ ହରାଇବାକୁ ଅନୁରୋଧ କରିବା ସହ ସରକାର ଓ ପ୍ରଶାସନ ସେମାନଙ୍କ ସହ ରହିଛି ବୋଲି ଆଶ୍ୱାସନା ଦେଇଛନ୍ତି । ବିଶେଷକରି ଜଳଘେରରେ ଥିବା ପରିବାର, ବୃଦ୍ଧବୃଦ୍ଧା, ଶିଶୁ ଓ ଅସହାୟ ଲୋକଙ୍କ ଆବଶ୍ୟକତା ପ୍ରତି ପ୍ରାଥମିକତା ଦେବା ଏବଂ ପରିସ୍ଥିତି ଅନୁଯାୟୀ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

# ବାଲେଶ୍ୱର ସଦର ବିଜେପି କାର୍ଯ୍ୟାଳୟରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳିତ



ବାଲେଶ୍ୱର(ନିପ୍ର): ଭାରତୀୟ ରାଜନୀତିର ଅଜାତଶତ୍ରୁ, ପ୍ରଖର ରାଷ୍ଟ୍ରବାଦୀ, ଓଜସ୍ୱୀ ବକ୍ତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ 'ଭାରତରତ୍ନ' ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ବାଲେଶ୍ୱର ସଦର ବିଜେପି କାର୍ଯ୍ୟାଳୟ ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ ସ୍ୱର୍ଗତ ବାଜପେୟୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥିସହ ଦଳୀୟ କାର୍ଯ୍ୟକର୍ତା ମାନେ ମଧ ପୁଷ୍ପାର୍ଘ୍ୟ ଅର୍ପଣ କରି ମହାନ ରାଷ୍ଟ୍ରନାୟକଙ୍କୁ ସ୍ମରଣ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଦତ କହିଥିଲେ ଯେ, ଅଟଳ ବିହାରୀ ବାଜପେୟୀ କେବଳ ଜଣେ ରାଜନେତା ନୁହେଁ, ସେ ଥିଲେ ଭାରତୀୟ ଗଣତନ୍ତ୍ରର ଏକ ଉଜ୍ଜ୍ୱଳ ଆଲୋକବର୍ତିକା । ସ୍ୱର୍ଗତ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱ, ଅଦମ୍ୟ ରାଷ୍ଟ୍ରପ୍ରେମ ଓ ସୁଦୃଢ଼ ନିଷ୍ପତି ଭାରତକୁ ବିଶ୍ୱମଂଚରେ ଏକ ନୂତନ ପରିଚୟ ଦେଇଥିଲା । ଦେଶର ସାମରିକ ସାମର୍ଥ୍ୟକୁ ଦୃଢ଼ କରିବାଠାରୁ ଆରମ୍ଭ କରି ଯୋଗାଯୋଗ, ସଡ଼କ ଓ ଭିତିଭୂମି ବିକାଶ ପର୍ଯ୍ୟନ୍ତ ତାଙ୍କର ଯୁଗାନ୍ତକାରୀ ପଦକ୍ଷେପ ଆଧୁନିକ ଭାରତ ଗଠନରେ ଏକ ସୁଦୃଢ଼ ଭିତି ସ୍ଥାପନ କରିଥିଲା । ରାଜନୈତିକ ମତଭେଦର ଉର୍ଦ୍ଧ୍ୱରେ ଉଠି ଦେଶର ସ୍ୱାର୍ଥ ପାଇଁ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ତାଙ୍କ ଅଦ୍ୱିତୀୟ ସାମର୍ଥ୍ୟ ତାଙ୍କୁ ସମଗ୍ର ଦେଶର ପ୍ରିୟ ନେତା ଭାବେ ପ୍ରତିଷ୍ଠିତ କରିଥିଲା । ଶ୍ରୀ ଦତ ଆହୁରି କହିଥିଲେ, ଅଟଳଜୀଙ୍କ ବ୍ୟକ୍ତିତ୍ୱରେ ରାଜନୀତି ଓ ସାହିତ୍ୟର ଏକ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୋଇଥିଲା । ତାଙ୍କ ଶବ୍ଦରେ ଥିଲା ଓଜସ୍ୱିତା, ଚିନ୍ତାରେ ଥିଲା ଗଭୀରତା ଏବଂ କାର୍ଯ୍ୟରେ ଥିଲା ରାଷ୍ଟ୍ର ପ୍ରତି ଅତୁଟ ସମର୍ପଣ । ତାଙ୍କ କବିତା, ଚିନ୍ତନ ଓ ରାଷ୍ଟ୍ରନୀତି ଆଗାମୀ ପିଢ଼ିକୁ ନିରନ୍ତର ଦେଶସେବା ପାଇଁ ପ୍ରେରଣା ଯୋଗାଇବ । ତାଙ୍କ ପ୍ରଦର୍ଶିତ ରାଷ୍ଟ୍ରସେବାର ପଥରେ ଆଗେଇ ଯାଇ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନରେ ନିଜ ନିଜ ସ୍ତରରେ ଅବଦାନ ରଖିବାକୁ ଉପସ୍ଥିତ ସମସ୍ତେ ସଂକଳ୍ପ ନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୌରାଙ୍ଗ ଦାସ, ଉପେନ୍ଦ୍ର ଶତପଥୀ, ଲୋକନାଥ ଭୂୟାଁ, ସଚିନ ପାଞ୍ଜା, ପବନ କର୍ମିଳା, ରଞ୍ଜନ ଦାସ ଓ ଶୁଭଙ୍କର ପଣ୍ଡା ଉପସ୍ଥିତ ଥିଲେ ।

# ସଦର ବିଜେପି କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର(ନିପ୍ର): ଭାରତୀୟ ଜନତା ପାର୍ଟିର ସଦର ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ହର୍ଷ ଉଲ୍ଲାସରେ ପାଳିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜେଲ ରୋଡ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସଦର ବିଧାୟକ ମାନସ କୁମାର ଦତ ଯୋଗଦେଇ ଜାତୀୟ ପତାକା ଉତୋଳନ ସହିତ ଦେଶର ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ଦେଇଥିବା ମହାମନିଷୀମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଷ୍ଟ୍ରକୁ ଭଲପାଇବା ଏବଂ ଦେଶ ମାତୃକା ସେବା ପାଇଁ ତ୍ୟାଗ ବଳିଦାନ କରିବା ସମାଜର ପ୍ରତ୍ୟେକବର୍ଗର ନାଗରିକଙ୍କ ପରମ କର୍ତବ୍ୟ ହେବା ଉଚିତ ବୋଲି ସେ ଏହି ଅବସରରେ କହିଥିଲେ । ସମସ୍ତେ ଜାତୀୟତା ଭାବରେ ଉଦବୁଦ୍ଧ ହୋଇ ରାଷ୍ଟ୍ରନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ସେ ଆହ୍ୱାନ ଦେଇଥିଲେ । ନିଜ ଅଧିକାର ପାଇଁ ସମସ୍ତେ ଡେକି ଯତ୍ନବାନ ହୋଇ ଥାଅନ୍ତି ଠିକ୍ ସେହିପରି ରାଷ୍ଟ୍ର ପାଇଁ କର୍ତବ୍ୟ ସମ୍ପାଦନ ପାଇଁ ଯତ୍ନଶୀଳ ହେବାକୁ ବିଧାୟକ ଶ୍ରୀ ଦତ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଭଗବାନ ଗୁପ୍ତା, ସୁଷମା ବିଶ୍ୱାଳ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ଧିରଜ ମହାନ୍ତି, ଉପେନ୍ଦ୍ର ଶତପଥୀ, ରାଜେନ୍ଦ୍ର ଚାଟାର୍ଜି, ଆଶିଷ ଘୋଷ, କାର୍ତିକ ରାଉତ, ଧୀରଜ ମହାନ୍ତି, ସଂଯୁକ୍ତା ମହାପାତ୍ର, ସୁଧାଂଶୁ ପଣ୍ଡା, କାହ୍ନୁ ମହାଲିକ, ବାବୁଲି ଧଳ, ନିତିନ ଦାସ, ରଞ୍ଜନ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର(ନିପ୍ର): ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ରାଷ୍ଟ୍ର ଗଠନ ତଥା ଦୀର୍ଘସ୍ଥାୟୀ ପ୍ରଗତିର ସଙ୍କଳ୍ପ ସହିତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବୀରତ୍ୱ ଓ ବଳିଦାନକୁ ସମ୍ମାନ ଜଣାଇ ବାଲେଶ୍ୱର ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ତଥା ଅନ୍ୟ ପ୍ରମୁଖ କାର୍ଯ୍ୟାଳୟଗୁଡିକରେ ୮୦ତମ ସ୍ୱାଧୀନତା ଦିବସ ବେଶ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ସଂସ୍ଥାର କର୍ପୋରେଟ୍ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଅଧିକାରୀ, କର୍ମଚାରୀ ତଥା ଉପଭୋକ୍ତାମାନଙ୍କ ଉପସ୍ଥିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ ଜାତୀୟ ପତାକା ଉତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଦୁଷ୍ୟନ୍ତ କୁମାର ତ୍ୟାଗୀ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସ୍ୱାଧୀନତା ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ଆଦର୍ଶ ଓ ବଳିଦାନକୁ ସମ୍ମାନପୂର୍ବକ ଏକ ସମନ୍ୱିତ, ନ୍ୟାୟପୂର୍ଣ୍ଣ ଏବଂ ସମୃଦ୍ଧ ଦେଶଗଠନରେ ଭାଗୀଦାରୀ ହେବାପାଇଁ ଆହ୍ୱାନ ଦେଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ, ସାଲିସବିହୀନ ସୁରକ୍ଷା ମାନଦଣ୍ଡ, ଉନ୍ନତ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଏବଂ ଏକ ଉତ୍ସର୍ଗୀକୃତ ଉପଭୋକ୍ତା-ପ୍ରଥମ ନୀତି ମାଧ୍ୟମରେ ଆଂଚଳିକ ତଥା ଜାତୀୟ ଅଭିବୃଦ୍ଧିକୁ ଆଗେଇ ନେବାରେ ଟିପିଏନ୍ ?ଓଡିଏଲ୍ ସର୍ବଦା କାର୍ଯ୍ୟରତ ରହିଛି । ଶ୍ରୀ ତ୍ୟାଗୀ ଗୁରୁତ୍ୱାରୋପ କରିଥିଲେ ଯେ ରୁଫ୍ ଟପ୍ ସୋଲାର ଆପଣାଇବା ଦ୍ୱାରା ଉପଭୋକ୍ତମାନେ ଆର୍ଥିକ ଉପକୃତ ହେବା ସହ ପରିବେଶ ସୁରକ୍ଷା ଏବଂ ଶକ୍ତି ଆତ୍ମ-ନିର୍ଭରଶୀଳତା ଦିଗରେ ମଧ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ । ଏହି ଅବସରରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ପାଂଚଟି ବୈଦ୍ୟୁତିକ ମଣ୍ଡଳର ୨୦ ଜଣ ଉପଭୋକ୍ତାଙ୍କୁ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଏବଂ ୟୁଏଲଏ ମଡେଲ ଅଧୀନରେ ରୁଫଟପ୍ ସୋଲାର୍ ସ୍ଥାପନ ସହ ଅଂଚଳରେ ସଚେତନ ବୃଦ୍ଧି କରିବା ନେଇ 'ସୋଲାର ଚାମ୍ପିୟନ୍' ଭାବରେ ସମ୍ବର୍ଦ୍ଧିତ କରଯାଇଥିଲା । ଏହା ସହିତ ଉତର ଓଡିଶାରେ ରୁଫଟପ୍ ସୋଲାର୍ ଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ତୃଣମୂଳ ସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ସେବା ପାଇଁ ସଂସ୍ଥା ପକ୍ଷରୁ ପୁରସ୍କୃତ କରାଯାଇଥିଲା । ବିଦ୍ୟୁତ ସେବା ପ୍ରଦାନରେ ଗୁଣାତ୍ମକ ଉନ୍ନତି, ସ୍ଥାୟିତ୍ୱ ଉଦ୍ୟମ, ସୁରକ୍ଷା ସମେତ ଗ୍ରାହକ-କେନ୍ଦ୍ରିକତା ଭଳି ମୂଳ ସାଂଗଠନିକ ମୂଲ୍ୟବୋଧକୁ ବଜାୟ ରଖି ଉତର ଓଡ଼ିଶାକୁ ଆଲୋକିତ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ସମାବେଶରେ ଦୃଢ ଶପଥ ନେଇଥିଲେ ।

# ରେମୁଣା ଶୁଖୁଆ ହାଟରେ ପାଳିତ ହେଲା ସ୍ୱାଧୀନତା ଦିବସ

ବାଲେଶ୍ୱର(ନିପ୍ର): ରେମୁଣା ବଜ଼ାର ଶୁଖୁଆ ହାଟ ଠାରେ ପାଳିତ ହେଲା ଅଶି ତମ ସ୍ୱାଧୀନତା ଦିବସ. ରେମୁଣା ବଜ଼ାର ଶୁଖୁଆ ହାଟ ଠାରେ ବଜ଼ାର କମିଟି ଆନୁକୂଲ୍ୟରେ ଅଶି ତମ ସ୍ୱାଧୀନତା ଦିବସ ବେଶ ଧୁମ ଧାମ ରେ ପାଳିତ ହୋଇଯାଇଛି । ସକାଳ ସାତ ଘଟିକା ସମୟରେ ଜାତୀୟ ପତାକାକୁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଉତୋଳନ କରି ସମବେତ ଜନ ସାଧାରଣ ଙ୍କୁ ଉଦବୋଧନ ଦେଇଥିଲେ. ସ୍ୱାଧୀନତା ସଂଗ୍ରାମ ରେ ବଳିଦାନ ଦେଇଥିବା ମହାନ ଦେଶପ୍ରେମୀ ମାନଙ୍କୁ ସ୍ମରଣ କରିବା ସହିତ ଦେଶର ଅଖଣ୍ଡତା, ସାର୍ବ ଭୌ ମ ତ୍ୟ, ଧର୍ମ ନିରପେକ୍ଷତା ଓ ଗଣତନ୍ତ୍ର କୁ ଶୁଦ୍ଦୃଢ଼ କରିବା ପାଇଁ ସମସ୍ତ ଙ୍କୁ ନିବେଦନ କରିଥିଲେ. ସମ୍ମାନିତ ଅତିଥି ଭାବେ ଶିକ୍ଷା ବିତ ପ୍ରଦୀପ କୁମାର ବେହେରା ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମ ର ଇତିହାସ ବର୍ଣନା କରିଥିଲେ. ବଜାର କମିଟି ର ସଂଯୋଜକ ଦିନ ବନ୍ଧୁ ଗାଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାଳୀ ଚରଣ ବିନ୍ଧାଣି, କମଳାକାନ୍ତ ତରେଇ, ସନ୍ତୋଷ କୁମାର ପାଢ଼ୀ, ଲିପୁନ ନାୟକ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । କାଳିଚରଣ ବିନ୍ଧାଣି ଧନ୍ୟବାଦ ଦେବା ପରେ ମିଷ୍ଟାନ ବଂଟନ ହୋଇଥିଲା ଏଥିରେ ବଜ଼ାର କମିଟି ର ବହୁତ ସଦସ୍ୟ ଯୋଗ ଦେଇ ସ୍ୱାଧୀନତା ଦିବସ ପାଳନ ରେ ଅଂଶ ଗ୍ରହଣ କରିଥିଲେ ।



# ସୋର ପୌରକାଳିକାରେ ସ୍ୱାଧିନତା ଦିବସ ପାଳିତ

ସୋର(ନିପ୍ର): ସୋର ପୌରପାଳିକା ପକ୍ଷରୁ ରାଧାନାଥ ପଡିଆରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପାରିଷଦ ନିଶାକର ମହାନ୍ତି ଯୋଗ ଦେଇ ପତକା ଉତୋଳନ କରିଥିଲେ । ମୁଖ୍ୟବକ୍ତା ଭାବେ ସୋର ତହସିଲଦାର କୃଷ୍ଣମୋହନ ସିଂହ, ସମ୍ମାନିତ ଅତିଥିଭାବେ ରାଧାନାଥ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳୀ ମହାପାତ୍ର ଓ ସମସ୍ତ ୱାର୍ଡର ପାରିଷଦ ମାନେ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସୋର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଉମାକାନ୍ତ ବେହେରା ମଂଚ ପରିଚାଳନା ସହ ଅତିଥି ପାରିଚୟ ପ୍ରଦାନ ଓ ପାରିଷଦ ରମେଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସୋର ପବ୍ଲିକ ସ୍କୁଲରେ ଅଧକ୍ଷ ରାଧାରଞ୍ଜନ ମନ୍ତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟିର ସଭାପତି ଶ୍ରୀଧର ପ୍ରସାଦ ବେହେରା ଯୋଗଦେଇ ପତକା ଉତୋଳନ କରିଥିଲେ । ମୁଖ୍ୟବକ୍ତା ଭାବେ ସମ୍ପାଦକ ପ୍ରଦୀପ କୁମାର ଦାଶ, ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ ଦାସ ଓ ସୁଧାଂଶୁ ଶେଖର ବାରିକ ଯୋଗ ଦେଇ ସ୍ୱାଧିନତାର ମୁଲ୍ୟବୋଧ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ୩୦ରୁ ଅଧିକ ଚାରା ବଂଟନ କରାଯାଇଥିଲା । ଶେଷରେ ସହକାରୀ ଅଧକ୍ଷ ଦିବାକର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହିପରି ଭାବେ ସୋରର ବିଭିନ୍ନ ସ୍କୁଲ କଲେଜ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧିନତା ଦିବସ ପାଳନ କରାଯାଇଥିଲା ।

# ଲିଙ୍ଗରାଜ ଏରିୟାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ଅନୁଗୋଳ(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ) ର ଲିଙ୍ଗରାଜ କ୍ଷେତ୍ର, କ୍ଷେତ୍ର ମୁଖ୍ୟାଳୟରେ ଅତ୍ୟନ୍ତ ଉତ୍ସାହ, ଗର୍ବ ଏବଂ ଦେଶପ୍ରେମର ପରିବେଶ ମଧ୍ୟରେ ଦେଶର ୮୦ତମ ସ୍ୱାଧୀନତା ଦିବସ ଭବ୍ୟ ଭାବେ ପାଳନ କରାଯାଇଛି । ଏହି ଅବସରରେ ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଲ, ପ୍ରକଳ୍ପ ଅଧିକାରୀ ଆଶିଷ ରଞ୍ଜନ, କ୍ଷେତ୍ରର ଅଧିକାରୀ ଓ କର୍ମଚାରୀବୃନ୍ଦ, ଛାତ୍ରଛାତ୍ରୀ ଏବଂ ଏମ୍ସିଏଲ ପରିବାରର ଅନ୍ୟାନ୍ୟ ସଦସ୍ୟ ମାନେ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମର ଆରମ୍ଭ ଜାତୀୟ ପତାକା ଉତୋଳନ ସହିତ ହୋଇଥିଲା । ପରବର୍ତ୍ତୀ ସମୟରେ ସମସ୍ତଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇ, ସମଗ୍ର ପରିବେଶ ଗର୍ବ, ଏକତା ଏବଂ ଦେଶପ୍ରେମର ଭାବନାରେ ମୁଖରିତ ହୋଇଉଠିଥିଲା । ଉପସ୍ଥିତ ଅତିଥି ଏବଂ ସମସ୍ତ ଅଂଶଗ୍ରହଣକାରୀ ତ୍ରିରଙ୍ଗା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଦେଶର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ପାଇଁ ଜୀବନ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅମର ବଳିଦାନକୁ ସ୍ମରଣ କରିଥିଲେ । ଏହାପରେ ଏମ୍ସିଏଲର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ (ସିଏମଡି)ଙ୍କ ବାର୍ତ୍ତା ପାଠ କରାଯାଇଥିଲା । ଏହି ବାର୍ତ୍ତାରେ ସଂସ୍ଥାର ଦୃଷ୍ଟିକୋଣ, ଉଲ୍ଲେଖନୀୟ ସଫଳତା, ସ୍ଥାୟୀ ଅଭିବୃଦ୍ଧି, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏମ୍ସିଏଲର ଅଟୁଟ ପ୍ରତିବଦ୍ଧତା ଉପରେ



ଆଲୋକପାତ କରାଯାଇଥିଲା । ସଭାକୁ ସମ୍ବୋଧିତ କରି ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଳ କର୍ମଚାରୀମାନଙ୍କୁ ଉତ୍କର୍ଷତା ହାସଲ କରିବା, ନୂତନ ଆହ୍ୱାନଗୁଡ଼ିକୁ ସାହସର ସହ ଗ୍ରହଣ କରିବା ଏବଂ ସଂସ୍ଥାର ବିକାଶ ଓ ପ୍ରଗତିରେ ନିଷ୍ଠାର ସହ ଯୋଗଦାନ କରି ଦେଶର ଆଶା-ଆକାଂକ୍ଷା ପୂରଣ ଦିଗରେ ଅବଦାନ ରଖିବାକୁ ଆହ୍ୱାନ ଜଣାଇଥିଲେ । ସଂଗଠନର ଲକ୍ଷ୍ୟ ହାସଲ ପାଇଁ ନିଷ୍ଠା, ସମୂହଗତ ପ୍ରୟାସ, ଟିମ୍ ?ୱର୍କ ଏବଂ ଭବିଷ୍ୟତମୁଖୀ ଚିନ୍ତାଧାରାର ଗୁରୁତ୍ୱ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଉତ୍ସବକୁ ଆହୁରି ରଙ୍ଗୀନ ଏବଂ ଆକର୍ଷଣୀୟ କରିଥିଲେ ଲିଙ୍ଗରାଜ ଅଂଚଳର ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ । ସେମାନେ ଦେଶାତ୍ମବୋଧକ ନୃତ୍ୟ, ସ୍ୱାଧୀନତା ସଂଗ୍ରାମୀ ଓ ଜାତୀୟ ବୀରମାନଙ୍କର ଜୀବନଚରିତ୍ର ଆଧାରିତ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ସହିତ ବିଭିନ୍ନ ମନୋମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ସେମାନଙ୍କର ଅଭିନୟ ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ଯୁବ ପିଢ଼ି ମଧ୍ୟରେ ଦେଶପ୍ରେମ, ତ୍ୟାଗ ଓ ଜାତୀୟ ଗର୍ବର ଭାବନାକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଥିଲା । ଛାତ୍ରଛାତ୍ରୀମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଉତ୍ସବକୁ ଏକ ବିଶେଷ ମାନ୍ୟତା ପ୍ରଦାନ କରିଥିଲା ଏବଂ ସ୍ୱାଧୀନତା, ଏକତା, ତ୍ୟାଗ ଓ ଜାତୀୟ ଗର୍ବର ମୂଲ୍ୟବୋଧକୁ ଆହୁରି ସୁଦୃଢ଼ କରିଥିଲା । ଏହି କାର୍ଯ୍ୟକ୍ରମ ଏକ ସ୍ମରଣୀୟ ପରିବେଶରେ ସମାପ୍ତ ହୋଇଥିଲା, ଯେଉଁଠାରେ ସମସ୍ତେ ସ୍ୱାଧୀନତାର ଆଦର୍ଶକୁ ଅକ୍ଷୁଣ୍ଣ ରଖି ଦେଶର ପ୍ରଗତି, ସମୃଦ୍ଧି ଓ ବିକାଶ ପ୍ରତି ନିଜମାନଙ୍କର ପ୍ରତିବଦ୍ଧତାକ ।

# ଖଇରା ବ୍ଲକ-ପୁରପଲ୍ଲୀରେ ୮୦ତମ ସ୍ୱାଧିନତା ଦିବସ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ସହର ଠୁଁ ଗାଁ ପର୍ଯ୍ୟନ୍ତ ସରକାରୀ ବେସରକାରୀ ଅନୁଷ୍ଠାନରେ ତୁହାକୁ ତୁହା ବର୍ଷା ସତ୍ୱେ ୮୦ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ଖଇରା ବ୍ଲକ କାର୍ଯ୍ୟାଳୟରେ ବିଡିଓ ନାରାୟଣ ସାହୁ ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଉପସ୍ଥିତିରେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ସାଳନ୍ଦୀ ଜଳ ସେଚନ ଉପଖଣ୍ଡ କାର୍ଯ୍ୟାଳୟରେ ଏସଡିଓ ଦାଶରଥି ମୁର୍ମୁ, ବିଦ୍ୟାଧରପୁର ଉପଖଣ୍ଡ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀ ନରହରି ପ୍ରଧାନ, ଖଇରା ଅବକାରୀ ଥାନାରେ ଓଆଇସି ପ୍ରହଲ୍ଲାଦ ସାମଲ ତ୍ରିରଙ୍ଗା ଉଡାଇଥିଲେ । ଏହା ବ୍ୟତିତ ଖଇରା ସାମ୍ବାଦିକ ସଂଘ, ଖଇରା ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ, ଖଇରା ଥାନା, ଖଇରା ଗୋଷ୍ଠୀ ଶିକ୍ଷାକେନ୍ଦ୍ର, ଖଇରା ଗୋଷ୍ଠୀ ଚିକିତ୍ସାଳୟ, ଖଇରା ହାଇସ୍କୁଲ, ଖଇରା ୟୁପି ସ୍କୁଲ, ନଟାପଡାଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ଖଇରା ସରସ୍ୱତୀ ବିଦ୍ୟା ମନ୍ଦିର, ଆଦର୍ଶ ଶିକ୍ଷା ମନ୍ଦିର,ଏଭିଏମ ସ୍କୁଲ, ଜେଭିସିସି କମ୍ପ୍ୟୁଟର ସେଂଟର, ଖଇରା କଲେଜରେ ମଧ୍ୟ ପବିତ୍ର ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରତିଭା ପରିବାର ପକ୍ଷରୁ ପଳସା ପଡିଆରେ ବୃକ୍ଷରୋପଣ କରାଯାଇଥିଲା ।

# ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ସୋର(ନିପ୍ର): କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରାତଃ ୯ ଘଟିକା ସମୟରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁସାରେ ସୋର ସଂକୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଦିବା ୯ଘଟିକା ସମୟରେ ସ୍ଥାନୀୟ ଗଡସଙ୍ଗ କଲେଜର ଗଣିତ ପ୍ରାଧ୍ୟାପକ ମନୀନ୍ଦ୍ର କୁମାର ଦୀକ୍ଷିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ପ୍ରଦୀପ ପ୍ରଜ୍ୱାଳନପୂର୍ବକ ଏହି ଉତ୍ସବକୁ ଉଦଘାଟନ କରିଥିଲେ ସ୍ଥାନୀୟ ଖଇରା କଲେଜର ଜୋଲଜୀ ପ୍ରାଧ୍ୟାପକ ହରିହର ପଣ୍ଡା । ସଂକୁଳ ପ୍ରମୁଖ ଅଶୋକ ରଞ୍ଜନ



ପଲେଇ, ଅବସର ପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡା, କୋଷାଧକ୍ଷ ପ୍ରଭାସ ଚନ୍ଦ୍ର ମହାପାତ୍ର ଏବଂ ପୂର୍ବ ଛାତ୍ର ଦେବୀ ପ୍ରସନ୍ନ ଦାଶ ସମୂହ ମୂଲ୍ୟବାନ ତଥା ବିଜ୍ଞାନ ମନସ୍କ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ପ୍ରାଧ୍ୟାପକ ପଣ୍ଡା ଏବଂ ସଭାପତି ପ୍ରାଧ୍ୟାପକ ଦୀକ୍ଷିତ ସାଧାରଣ ଘଟଣାରୁ ବୈଜ୍ଞାନିକଗଣ ଅସାଧାରଣ ତତ୍ୱର ଉଦ୍ଭାବନ କରିଥାନ୍ତି ବୋଲି ଶିଶୁ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ଅତିଥି ପରିଚୟ ଏବଂ କୋଷାଧକ୍ଷ ପ୍ରଭାସ ଚନ୍ଦ୍ରମହାପାତ୍ରଧନ୍ୟବାଦ ଅର୍ପଣ କରିଥିଲେ ।ସୋର ସଂକୁଳ ଅଧୀନସ୍ଥ ୧୩ଟି ବିଦ୍ୟାଳୟର ୪୧୬ଜଣ ପ୍ରତିଭାଗୀ ଗଣିତ, ବିଜ୍ଞାନ ଏବଂ ସଂସ୍କୃତିବୋଧ ପରିଯୋଜନା ସ୍ତରରେ ବିଭିନ୍ନ ପ୍ରତିଯୋଗୀତାରେ ସଫଳ ହୋଇଥିଲେ ।

# ଝାରସୁଗୁଡ଼ା ୟୁନାଇଟେଡ ହକି ଦଳ ଚାମ୍ପିୟନ



ଝାରସୁଗୁଡ଼ା(ନିପ୍ର): ସ୍ୱାଧିନତା ଦିବସ ଉପଲକ୍ଷେ ସୁନ୍ଦରଗଡ, ଲେଫ୍ରିପଡା ହକି ଟ୍ରେନିଂ ସେଂଟର ଆନୁକୁଲ୍ୟରେ ଅନୁଷ୍ଠିତ ଦିନିକିଆ ହକି ପ୍ରତିଯୋଗିତାରେ ଝାରସୁଗୁଡ଼ା ୟୁନାଇଟେଡ ହକି ଦଳ ଚାମ୍ପିୟନ ହୋଇଛି । ଏହି ପ୍ରତିଯୋଗିତାରେ ଝାରସୁଗୁଡ଼ା, ସୁନ୍ଦରଗଡ ଜିଲ୍ଲାର ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଝାରସୁଗୁଡ଼ା ଦଳ ପ୍ରଥମ ରାଉଣ୍ଡରୁ ଉନ୍ନତମାନର ଖେଳ ପ୍ରଦର୍ଶନ କରି ଶେଷରେ ଫାଇନାଲରେ ସୁନ୍ଦରଗଡ ଲେଫ୍ରିପଡା କୁ ୨-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇ ୧୫,୦୦୦ ଟଙ୍କା ପୁରସ୍କାର ରାଶି ପ୍ରାପ୍ତ କରିଛନ୍ତି । ଏହି ବିଜୟୀ ଦଳକୁ ଜିଲ୍ଲା ହକି ଆସୋସିଏସନର ସଭାପତି ତଥା ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ, ସଂପାଦକ ବ୍ରଜବନ୍ଧୁ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ, ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି, ଓ ଝାରସୁଗୁଡ଼ା ହକି ଆସୋସିଏସନର ସୋନୁ ରୋନାଲଡ ପ୍ରଭୃତି ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲ୍ଲାପ୍ରଶାସନ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା



ଛତ୍ରପୁର(ନିପ୍ର): ବିଭାଜନ ବିଭୀଷିକା ସ୍ମୃତି ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ ପଣ୍ଡା ଓ ସୁନୀଲ କୁମାର କେର୍କଟାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏହି କ୍ୟାଣ୍ଡଲ ଶୋଭାଯାତ୍ରା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରି ବିଭାଜନର ବିଭୀଷିକାରେ ପ୍ରଭାବିତ ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲା ।

# ଶାଲାର ଫାଉଣ୍ଡେସନ ଉପାନ୍ତରେ ପାଳିଲା ସ୍ୱାଧୀନତା ଦିବସ ପାଳିତ

ରାୟଗଡ଼ା(ନିପ୍ର): ରାୟଗଡ଼ ଜିଲ୍ଲାର ରାୟଗଡ଼ ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମ ପଂଚାୟତର ଉପାନ୍ତ ଗାଁ ଉଦୟପୁର ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଗ୍ରାମବାସୀ ଓ ଶିଶୁମାନଙ୍କ ସହଯୋଗରେ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ, ଆନନ୍ଦ ଓ ଦେଶପ୍ରେମର ଭାବନା ସହିତ ପାଳନ କରାଯାଇଥିଲା । ଏହି ଅବସରରେ ଗାଁ ର ଆବାଳ ବୃଦ୍ଧ ବନିତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର ଅଧକ୍ଷ ପ୍ରମୋଦ କୁମାର ପଣ୍ଡା, ସ୍ୱର୍ଣ୍ଣଲତା ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସ୍ୱାଧୀନତା ଦିବସ ଅବସରରେ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାନ



ଦେଶଭକ୍ତମାନଙ୍କୁ ସ୍ମରଣ କରାଯାଇଥିଲା । ସେମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ଯୋଗୁଁ ଆମେ ଆଜି ସ୍ୱାଧୀନ ଭାରତରେ ବସବାସ କରୁଛୁ ବୋଲି କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିଲା । ଦେଶର ଏକତା, ଅଖଣ୍ଡତା, ଭାଇଚାରା ଓ ସାମାଜିକ ସମନ୍ୱୟକୁ ଆହୁରି ମଜବୁତ କରିବା ପାଇଁ ସମସ୍ତେ ମିଳି କାମ କରିବାର ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଶିଶୁମାନଙ୍କ ପାଇଁ ଶିକ୍ଷା ସାମଗ୍ରୀ ବଂଟନ । ଶାଲାର ଫାଉଣ୍ଡେସନ ପକ୍ଷରୁ ଉଦୟପୁର ଗ୍ରାମର ଶିଶୁମାନଙ୍କୁ ନୋଟ୍ ବୁକ୍, ପେନ୍, ପେନ୍ସିଲ୍ ଓ ବିଭିନ୍ନ ପ୍ରକାରର ପୁସ୍ତକ ପ୍ରଦାନ କରାଯାଇଥିଲା । ଏହା ସହିତ ଶିଶୁମାନଙ୍କ ମଧ୍ୟରେ ଖୁସି ବାଂଟିବା ପାଇଁ ଚକୋଲେଟ୍ ମଧ ବଂଟନ କରାଯାଇଥିଲା । ଶିକ୍ଷା ସାମଗ୍ରୀ ପାଇ ଶିଶୁମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ଏହି ପଦକ୍ଷେପ ମାଧ୍ୟମରେ ଗ୍ରାମାଂଚଳର ଶିଶୁମାନଙ୍କୁ ଶିକ୍ଷା ପ୍ରତି ଅଧିକ ଆଗ୍ରହୀ କରିବା, ପାଠପଢ଼ାରେ ସହଯୋଗ କରିବା ଏବଂ ସେମାନଙ୍କ ମନରେ ଦେଶପ୍ରେମ, ଦାୟିତ୍ୱବୋଧ ଓ ଭବିଷ୍ୟତ ପ୍ରତି ଆଶା ସୃଷ୍ଟି କରିବା ଶାଲାର ଫାଉଣ୍ଡେସନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଅଧକ୍ଷ ଶ୍ରୀ ପଣ୍ଡା କହିଥିଲେ ଯେ, “ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କୁ ଉତମ ଶିକ୍ଷା ଓ ଆବଶ୍ୟକ ସୁଯୋଗ ପ୍ରଦାନ କରିବା ସମାଜର ସମସ୍ତଙ୍କ ଦାୟିତ୍ୱ ।” ଜିଲ୍ଲାର ଉପାନ୍ତ ଗ୍ରାମାଂଚଳରେ ଶିଶୁ ଓ ସମୁଦାୟର ସାମଗ୍ରିକ ବିକାଶ ପାଇଁ ଶାଲାର ଫାଉଣ୍ଡେସନ ଆଗାମୀ ଦିନରେ ମଧ ବିଭିନ୍ନ ସାମାଜିକ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ପ୍ରକାଶ କରିଥିଲେ । ସମଗ୍ର କାର୍ଯ୍ୟକ୍ରମଟି ଗ୍ରାମବାସୀ ଓ ଶିଶୁମାନଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ଆହୁରି ସୁଦୃଢ଼ କରିଥିଲା ।


No. 32001/691/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel No. (06792)260788, e-Mail ID mi.mayurbhanj@yahoo.co.in
"e" Procurement Notice
No 3215 Dated 13.08.2026
Identification No-S.E.M.I.D. MBJ.No.-07/MID, MBJ/2026-27

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the web site |
| 2 | Total No. of works | 8 Nos. |
| 3 | Tender amount | 8.20 Lakh to 85.27 Lakh Approx. (Detail list of works Annexed) |
| 4 | Class of Contractor | As Mentioned against Work. |
| 5 | Period of Completion | As Mentioned against Work. |
| 6 | Date & time of Availability of Bid Document in the Portal | 19.08.2026 at 10.00 AM to 31.08.2026 up to 5.00 P.M. |
| 7 | Last date/ Time for receipt of Bids in the Portal | 31.08.2026 up to 5.00 P.M. |
| 8 | Date /Time of Opening of Technical Bid | 01.09.2026 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I. Division, Mayurbhanj At/Po-Baripada Dist-Mayurbhanj PIN-757001 E-Mail:- mi.divisionbaripada@gmail.com |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd/-
Superintending Engineer
Minor Irrigation Division, Mayurbhanj

OIPR. 32001/32041/1/26-27/0003





ମୁକୁଟମଣ୍ଡିତ ରାଜଶୀର , ନୁହଁଇ ଶାନ୍ତି- ଆସ୍ୱଦ ଆଶଙ୍କା ଭୟ ବିପଦ, ନିରନ୍ତର ରାଜମନ କରଇ ଅସ୍ଥିର, ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର (ମଧୁସୂଦନ ରାଓ)

# ଆଜିକାଲି



ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଦେଶ ଗଠନ ପାଇଁ ସୁଦୃଢ଼ ସତର୍କତା

ଦେଶ ସ୍ୱାଧୀନ ହେବା ପୂର୍ବରୁ ଆମର ସାମାଜିକ ବ୍ୟବସ୍ଥାରେ ଯାହା କିଛି ଥିଲା ବର୍ତ୍ତମାନ ସେ ସବୁ କିଛିରେ ଏପଟ ସେପଟ ହୋଇ ଯାଇଛି । ୧୯୪୭ ମସିହା ସ୍ୱାଧୀନତା ହାସଲ ବେଳେ ଭାରତର ଲୋକସଂଖ୍ୟା ୩୬ କୋଟି ଥିବା ବେଳେ ଏବେ ଅତ୍ୟଧିକ ଭାବେ ବୃଦ୍ଧି ପାଇ ୧୪୨ କୋଟି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ବଢ଼ିଥିବା ଜନସଂଖ୍ୟା ବୃଦ୍ଧି ଯୋଗୁଁ ସୁସ୍ଥ ଭାବେ ବସତି ସ୍ଥାପନ ପାଇଁ ଜାଗାବାଡ଼ି, ଜଳଉତ୍ସ, ଯାନବାହାନ ସଂଖ୍ୟା ସବୁର ଋହିହା ଅତ୍ୟଧିକ ଭାବେ ବହୁ ଉପର ସ୍ତରରେ ପହଂଚିଛି । ହେଲେ ସେଇ ଅନୁସାରେ ଆମର ବସତି କ୍ଷେତ୍ରର ନିଅଂଟିଆ ଦେଖା ଦେଇଛି । ଏପରି ସ୍ଥଳେପୂର୍ବରୁ ଯେଉଁ ଯୌଥ ପରିବାର ଥିଲାଏବଂ ପରସ୍ପର ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧା ଭଲପାଇବା ଥିବା ବେଳେ ଘରର ପ୍ରତ୍ୟେକ ସଦସ୍ୟ ଘରେ ରହିବାର କୌଣସି ଅସୁବିଧା ନ ଦେଖା ଦେଉଥିବା ବେଳେ ଖାଦ୍ୟପେୟରେ ମଧ ବହୁ ସୁସ୍ଥତା ପରିଲକ୍ଷିତ ହୋଇଥିଲା । ହେଲେ ଏବେ ଏକାନ୍ନବର୍ତ୍ତୀ ପରିବାର ଯୋଗୁଁ ସଦସ୍ୟମାନେ ବହୁ ଘରେ ରହିବା ପାଇଁ ଆବଶ୍ୟକତା ଖୋଜୁଥିବା ବେଳେ ନିଅଂଟିଆ ଯୋଗୁଁ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେତେବେଳେ ଇଂରେଜ ଶାସନ ସମୟରେ ଅଳ୍ପ ଅର୍ଥରେ ଖର୍ଚ୍ଚବର୍ଚ୍ଚ ହେଉଥିବା ଏବଂ ଶସ୍ୟ ଉତ୍ପାଦନରେ ଯେଉଁ ପରିବୃଦ୍ଧି ଘଟୁଥିଲା ଲୋକମାନେ ଖୁବ୍ ଆନନ୍ଦରେ ଜୀବନ ନିର୍ବାହ କରୁଥିଲେ । କୋର୍ଟ, କଚେରୀ ଯିବାର ଯଦିଚ କିଛିଟା କିଛିଟା ଥିଲା କିନ୍ତୁ ସେପରି କିଛି ନଥିଲା । ଲୋକମାନେ ହାବିଲଦାରଙ୍କୁ ମଧ ପ୍ରାଣେ ଡରୁଥିଲେ । ତେଣୁ ଜଣାପଡୁଥିଲା ସେତେବେଳେ ଶାସନ ବ୍ୟବସ୍ଥା କେତେ ସୁନ୍ଦର ଥିଲା । ପୁରୁଷମାନେ ପରିବାର ପାଇଁ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ ବାହାରକୁ ବାହାରୁଥିବା ବେଳେ ନାରୀ ମାନେ ଘର ଭିତରେ ରହି ପିଲାମାନଙ୍କର ଜଂଜାଳ ସହ ବୟସ୍କ ବ୍ୟକ୍ତି ମାନଙ୍କର ସେବା ଶୁଶ୍ରୁଷା ଏବଂ ଘରବାରି କାମ ସହ ଖାଦ୍ୟ ରନ୍ଧନ କରି ପରିବାର ଲୋକଙ୍କୁ ଆପ୍ୟାୟିତ କରୁଥିଲେ । କିନ୍ତୁ ବର୍ତ୍ତମାନ ଏକାନ୍ନବର୍ତ୍ତୀ ପରିବାର ପାଇଁ ସୁଦୀର୍ଘ ସଦସ୍ୟା ମଧ୍ୟରେ ଛଟପଟ ହେଉଥିଲେ ବି ସେଥିପ୍ରତି ନଜର ନାହିଁ । ଓଲଟି ହିଂସା, ଦ୍ୱେଷ ପାଇଁ କୋର୍ଟ କଚେରୀର ଦ୍ୱାରସ୍ଥ ହୋଇ ଆପଣା ଆପଣା ମଧ୍ୟରେ ବିରୋଧଭାବ ସୃଷ୍ଟି କରିବା ସହ ରକ୍ତପାତର ଶୀକାର ହେଉଛନ୍ତି । ଏବେ ମଧ ବହୁ ରୋଗ ବୃଦ୍ଧିପାଉଥିବା ବେଳେ ସୁସ୍ଥ ଜୀବନ ପାଇଁ ଲୋକେ ହାହାକାର ହେଉଛନ୍ତି । ଏପରିସ୍ଥଳେ ଆମେ ଯଦି ଲକ୍ଷ୍ୟ କରିବା ବନ୍ୟଜନ୍ତୁଙ୍କ ନିରାପତା ମଧ ଦେଖାଯାଉ ନାହିଁ । ଜଙ୍ଗଲ ସଫା କରି ଦୁର୍ଭିକ୍ଷକୁ ଆମନ୍ତ୍ରଣ କରୁଥିବା ଦୁର୍ଦ୍ଦାନ୍ତ ମଣିଷ ମାନଙ୍କ ପାଇଁ ନିରୀହ ଜଙ୍ଗଲୀ ପଶୁପକ୍ଷୀ ମାନେ ଖାଦ୍ୟ ସନ୍ଧାନ ଏବଂ ବସବାସ ପାଇଁ ଗ୍ରାମାଭି ଓ ସହରାଭିମୁଖୀ ହେଉଛନ୍ତି । ସରକାର ଏଥିପାଇଁ ଯେତେ ପ୍ରକାର ଚେଷ୍ଟା କରୁଥିଲେ ମଧ କିଛି ଲାଭ ପରିଲକ୍ଷିତ ନ ହେଉଥିବା ଦୁଃଖର ବିଷୟ । ନଦୀ ମାନଙ୍କରେ କୁମ୍ଭୀର ଆକ୍ରମଣର ଭୟ ଏବଂ ସତର୍କତା ବର୍ତ୍ତମାନ ବନ୍ୟାପ୍ରାଣୀ ସଂସ୍ଥା ପକ୍ଷରୁ ଖୁବ୍ ସତର୍କତା ଅବଲମ୍ବନ କରାଯାଉଥିଲେ ମଧ ସେପରି କିଛି ଆଖିଦୃଶିଆ ଦେଖାଯାଉ ନାହିଁ । ବହୁ ପିଲାମାନେ ଗ୍ରାମାଂଚଳ ହେଉ କିମ୍ବା ସହରାଂଚଳ ସ୍କୁଲ, କଲେଜ ଛାତ୍ରଛାତ୍ରୀ ମାନେ ନଦୀ ଏବଂ ବଡ଼ ବଡ଼ ପୋଖରୀକୁ ଗାଧୋଇବାକୁ ଯିବା ବେଳେ କୁମ୍ଭୀର ଆକ୍ରମଣର ଶୀକାର ହେଛନ୍ତି । ତେବେ ଏଥିସହ ଛିନତାଇ, ଧର୍ଷଣ, ଲୁଟ୍, ହିଂସାକାଣ୍ଡ ସବୁ କିଛି ଯେପରି ଦୀର୍ଘସ୍ଥାୟୀ ହେଉଥିବା ଲକ୍ଷ୍ୟ କରାଯାଉଥା ବେଳେ ହିଂସା ଆଚରଣରେ ବ୍ରତୀ ଅପରାଧି ମଧ ଅଲଜ୍ୟା ହୋଇ ନିଜକୁ କେବେ ବି ପରିବର୍ତ୍ତନ ଆଣୁ ନାହିଁ ଏବଂ ଏଥିପାଇଁ ଦୋଷୀ ଦଣ୍ଡ ନପାଇ ବିଚରା ନିରପରାଧି ବ୍ୟକ୍ତି ମାନେ କିଛି ଦିନ ପାଇଁ ଦଣ୍ଡର ଶୀକାର ହେଉଛନ୍ତି । ଏଭଳି ପରିସ୍ଥିତିକୁ ଆଖି ଆଗରେ ରଖି ଆମେ ସମସ୍ତେ ଯଦି ସଚେତନ ହେବା ତାହାଲେ ପ୍ରକୃତ ସ୍ୱାଧୀନତାର ସ୍ୱାଦ ଚାଖିପାରିବା ।

# ସ୍ୱାଧୀନତାର ଅଶୀ ବର୍ଷରେ ଆୟୁର୍ବେଦ

◆ ଡା.ନକୁଳ ସାହୁ

ସ୍ୱାଧୀନତା ଦିବସରେ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବିନୋବାଭାବେ, ଗୋପବନ୍ଧୁ ଆଦି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ନାମ ମାତ୍ର ସ୍ମରଣ କରୁଥିବା ବେଳେ, ତାଙ୍କ ଆଦର୍ଶକୁ ଅନୁକରଣ କରାଯାଉ ନାହିଁ । ବିଦେଶୀ ବର୍ଜନ ବଦଳରେ ବିଦେଶୀ ଚିକିତ୍ସା, ବିଦେଶୀ ଜୀବନଚର୍ଯ୍ୟା ବଢି ଚାଲିଛି । ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବ କାଳରେ ଭାରତୀୟ ସମ୍ବିଧାନ,ବିଜ୍ଞାନ, ଷଡାଙ୍ଗ ଶାସ୍ତ୍ର ଅବହେଳିତ ହୋଇ ରହିଛି । ସରକାରୀ ସ୍ତରରେ କାଗଜ ପତ୍ରରେ ଗୁରୁତ୍ୱ ଦିଆଯାଉ ଥିଲେ ମଧ୍ୟ ହିତାଧିକାରୀଙ୍କ ସଦିଚ୍ଛା, ବିଜ୍ଞାନ ପ୍ରତି ମମତା ଅଭାବରୁ ସଫଳ ହେଉନାହିଁ । ପ୍ରଶାସନର ନିୟନ୍ତ୍ରଣ ନାହିଁ । ଚିକିତ୍ସା ବିଜ୍ଞାନ ପୁଣ୍ୟ ପାଇଁ ପ୍ରସାର କରା ଯାଉଥିଲା । ଆଜି ବ୍ୟବସାୟ ହୋଇ ଯାଇଛି । ଆମ ଦେଶରେ ଆୟୁର୍ବେଦ, ଏଲୋପାଥି, ହୋମୀଓପାଥି, ଫିଜିଓଥେରାପି, ପ୍ରାକୃତିକ ଚିକିତ୍ସା,ଏକ୍ୟୁପ୍ରେସର, ଏକ୍ୟୁପଂଚର, ସିଦ୍ଧ, ୟୁନାନୀ, ଯୋଗ ଆଦି ନାମରେ ବିଭିନ୍ନ ଚିକିତ୍ସା ବ୍ୟବସ୍ଥା ଚାଲିଛି । ଏଥିମଧ୍ୟରୁ ଆୟୁର୍ବେଦ , ହୋମୀଓପାଥ, ୟୁନାନୀ ଓ ଏଲୋପାଥିକ ଚିକିତ୍ସା ପ୍ରଣାଳୀକୁ ଯୋଗ୍ୟତା ପ୍ରାପ୍ତି ପରେ ରେଜିଷ୍ଟ୍ରେସନ ନମ୍ବର ଦେଇ ଚିକିତ୍ସା କରିବା ସୁଯୋଗ ଦିଆଯାଉଛି । ନିଜ ଯୋଗ୍ୟତା ପ୍ରାପ୍ତ ବିଜ୍ଞାନ ଅନୁସାରେ ଚିକିତ୍ସା କରିବା ପାଇଁ ଆମ ସମ୍ବିଧାନରେ ଲେଖା ଯାଇଛି କିନ୍ତୁ ଏହାକୁ ଛାଡି ଯେଉଁମାନେ ଅଜ୍ଞତା,ବ୍ୟବସାୟ ପାଇଁ ନିଜ ଯୋଗ୍ୟତା ଅତିରିକ୍ତ ଅନ୍ୟ ବିଜ୍ଞାନର ଚିକିତ୍ସା କରାନ୍ତି ସେମାନଙ୍କୁ କ୍ୱାକ କୁହାଯାଇ ପାରିବ । ଯାହାକି ପାଠ ନପଢି ଚିକିତ୍ସା କରୁଥିବା ଲୋକଙ୍କୁ କୁହାଯାଏ । ସ୍ୱଧୀନତାର ସତସ୍ତରୀ ବର୍ଷ ପରେ ଆମ ଦେଶରେ ପ୍ରଶାସନର ଅବହେଳା ଓ ଶିକ୍ଷାର ଦୁର୍ବଳତା ,ଭିଜିଲାନ୍ସ,ଗୁଇନ୍ଦା ଓ ପୋଲିସ ବିଭାଗର ଆନ୍ତରିକତା ଅବହାବରୁ ପଲ୍ଲୀରୁ ଦୀଲ୍ଲି ଯାଏଁ ନକଲି ଚିକିତ୍ସକ ଓ ଔଷଧ ଭରି ରହିଛନ୍ତି । ଜନସାଧାରଣ ଦୁଃଖ ବିକଳ ବେଳେ ଏହି କ୍ୱାକଙ୍କ ଆଶ୍ରୟ ନେଇ ଧନ ଜୀବନ ହରାନ୍ତି । ନକଲି ଔଷଧ ଖାଆନ୍ତି । ଏହାର କାରଣକୁ ଅନୁଧ୍ୟାନ କଲେ ଜଣାଯାଏ । ମେଡିକାଲ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଉତ୍ତମ ମାନର ଶିକ୍ଷା ଦାନର ଅଭାବ । ହାଉସମେନସିପ ବେଳେ ସରକାରୀ ନିୟମ ଅନୁସାରେ ବହିଃ ଓ ଅନ୍ତଃ ବିଭାଗରୁ ଉତ୍ତମ ସେବା ନ ପାଇବା ଯୋଗୁଁ ରୋଗୀ ଆସନ୍ତି ନାହିଁ । ଫଳରେ ଆବାସିକ ଡାକ୍ତର ମାନେ ପ୍ରତ୍ୟେକ୍ଷ ଜ୍ଞାନ ଆହାରଣରେ ଦୁର୍ବଳତା ରହୁଛି, ସରକାର ଚିକିତ୍ସାଳୟକୁ ରୋଗୀ ଆସିବା ଯୋଜନା କରିବା ବଦଳରେ, ଛାତ୍ରଙ୍କୁ ନିଜ ଚିକିତ୍ସା ବିଜ୍ଞାନ ଅତିରିକ୍ତ ଅନ୍ୟ ଚିକିତ୍ସାଳୟକୁ ହାଉସମେନସିପ ପାଇଁ ପଠାଉଛନ୍ତି । ଆମଦେଶର ଜ୍ଞାନୀ, ଗୁଣୀ ବ୍ୟକ୍ତି ମାନେ ଯେତେବେଳେ ଶାସନଭାର ଗ୍ରହଣ କରନ୍ତି ପ୍ରତିକ୍ରିୟା ପୂର୍ଣ୍ଣ ଚିକିତ୍ସାରୁ ରୋଗୀଙ୍କୁ ମୁକ୍ତ କରିବା ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରନ୍ତି । ସେହିପରି ଗୋଟିଏ ଯୋଜନା ଆୟୁଷ ଯୋଜନା । ଭାରତର ଗୌରବମୟ ଆୟୁଷ (**AYUSH**) ଚିକିତ୍ସା ବିଜ୍ଞାନର ମହତ୍ୱକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ , ଡାକ୍ତର ଅଭାବ ପୂରଣ ପାଇଁ ଏହି ଯୋଜନାଟି ୨୦୦୭ ମସିହାରେ ଆରମ୍ଭ କରା ଯାଇଥିଲା କିନ୍ତୁ ହିତାଧିକାରୀଙ୍କ ନିଜ ଚିକିତ୍ସାରେ ଥିବା ଜ୍ଞାନର ଦୁର୍ବଳତା ପାଇଁ ସଫଳ ହେଲାନାହିଁ । ଡାକ୍ତର କାର୍ଯ୍ୟ ବଦଳରେ ଆଶାକର୍ମୀ ପରି କାମ କଲେ ଓ ସେହି ହାରରେ କିଛି ଅର୍ଥ ପାଇଲେ । ନବେ ପ୍ରତିଶତ ଆୟୁଷ ଡାକ୍ତର



ଏଲୋପାଥିକ ଚିକିତ୍ସା କରୁଛନ୍ତ । ୧୯୩୬ ପୂର୍ବରୁ ଯେଉଁମାନେ ଆୟୁର୍ବେଦ ଚିକିତ୍ସା କରୁଥିଲେ ସେହି ମାନଙ୍କୁ ବିଦେଶୀ ସରକାର ବନ୍ଦୀ କରୁଥିଲେ,ଦଣ୍ଡ ଦେଉ ଥିଲେ । ଆଜି ମଧ୍ୟ ଜଣେ ଆୟୁର୍ବେଦ ଡାକ୍ତର ଭାରତୀୟ ଚିକିତ୍ସକ ଭାବେ ସମ୍ମାନର ସହ ବଂଚିବା ପାଇଁ ସୁଯୋଗ ମିଳୁନାହିଁ । ମୁଣ୍ଡବୁଲା,ବାନ୍ତି, ଜ୍ୱର ଆଦି ବିଭିନ୍ନ ପ୍ରତିକ୍ରିୟା ହେଲେ ମଧ୍ୟ ଏଲୋପାଥିକ ପ୍ରତିଷେଧକ ଦିଆଯାଉଛି କିନ୍ତୁ ଆୟୁର୍ବେଦିକ ପ୍ରତିଷେଧକ ଦିଆଯାଉନାହିଁ । ବିଭିନ୍ନ ଔଷଧ ବ୍ୟାନ ହେଲା ପରେ ମଧ୍ୟ ଚେତନା ଆସୁନି । ଆଜିଯାଏଁ ଆଧୁନିକ ବିଜ୍ଞାନୀମାନେ ରୋଗ ଗୁଡିକର ଯେତେ ନୂଆଁ ନାମ ଦେଇ ଆସୁଛନ୍ତି, ସବୁ ଗୁଡିକର ସଫଳ ଚିକିତ୍ସା ଆୟୁର୍ବେଦରେ ଅଛି । ଯେପରି ଟିବି= ରାଜଯକ୍ଷ୍ମା, ଡେଙ୍ଗୁ = ଦଣ୍ଡାପତାନକ, କରୋନା= ଜନପଦଧ୍ୱଂସୀ ଭୂତାଣୁ,ଏଡସ୍ = ଓଜଃକ୍ଷୟ ଆଦି । ଆୟୁର୍ବେଦ ଭାରତର ଏକ ଗୌରବମୟ ଚିକିତ୍ସା ବିଜ୍ଞାନ । ଏହା ବ୍ରହ୍ମା-ଦକ୍ଷପ୍ରଜାପତି-ଅଶ୍ୱିନୀକୁମାର-ଇନ୍ଦ୍ରଙ୍କ ଠାରୁ ମହର୍ଷି ଆତ୍ରେୟ, ଭରଦ୍ୱାଜଆଦି କ୍ରମରେ ଆୟୁର୍ବେଦ ଶିକ୍ଷାଗ୍ରହଣ କରି ଜନସମାଜର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏହି ବିଜ୍ଞାନକୁ ମର୍ତ୍ତ୍ୟରେ ପ୍ରସାର କରିଥିଲେ । ଚରକ , ସୁଶ୍ରୁତ, ବାଗଭଟ, ଭାବପ୍ରକାଶ, ହାରିତ ସଂହିତା ଆଦି ମୁଖ୍ୟ ଗ୍ରନ୍ଥ । ସୁସ୍ଥର ସ୍ୱାସ୍ଥ୍ୟ ରକ୍ଷା କରିବା ଓ ଆତୁରକୁ ନିରାମୟ କରିବା ବିଜ୍ଞାନର ଉଦ୍ଦେଶ୍ୟ । ଚିକିତ୍ସା ଦୁଇପ୍ରକାରର ଥିଲା ଦୈବବ୍ୟପାଶ୍ରୟ ଓ ଔଷଧ ଚିକିତ୍ସା ବା ଯୁକ୍ତିବ୍ୟପାଶ୍ରୟ ଚିକିତ୍ସା ।୧୭୫୦ ମସିହା ପୂର୍ବରୁ ଭାରତରେ କେବଳ ଆୟୁର୍ବେଦ ଚିକିତ୍ସା ଥିଲା । ଜାପାନରୁ ହାନିମାନ ଆସି ଏଲୋପାଥିକ ଚିକିତ୍ସା କଲେ ଶେଷରେ ଏହାର ସ୍ୱାଦ ଓ ସ୍ୱାଭାବ ଜାଣି,ଏହାକୁ ଛାଡି ହୋମୀଓପାଥିର ଜନକ ହୋଇ ଗଲେ ।୧୯୩୬ ମସିହାରେ ବିଦେଶୀ ସରକାର ଆୟୁର୍ବେଦ ଚିକିତ୍ସା କଲେ ଦଣ୍ଡିତ କରୁଥିଲେ । ମାତ୍ର ଅଢେଇ ଶହ ବର୍ଷ ମଧ୍ୟରେ ଆୟୁର୍ବେଦକୁ ବିଦେଶୀ ସରକାରଙ୍କ ଆକ୍ରମଣ ଫଳରେ ଦେଶରେ ଏହି ବିଜ୍ଞାନ ପାତାଳୀ ହୋଇ ରହିଗଲା । ବିଦେଶୀ ଚାଲିଗଲେ କିନ୍ତୁ ଆୟୁର୍ବେଦଜଗନ୍ନାଥକୁ କେହି ଉଦ୍ଧାର କରିବାକୁ ଆଗଉ ନାହାଁନ୍ତି ମୁଣ୍ଡ ଟେକିବାକ୍ଷଣି ମାଡି ବସୁଛନ୍ତି । ପ୍ରଶାସନ ଆଜି ଜାଣିଲେ ଆୟୁର୍ବେଦ ଡାକ୍ତର ସର୍ଜରୀ କରିପାରିବେ । ଭାରତୀୟ ଚିକିତ୍ସା କେନ୍ଦ୍ରୀୟ ପରିଷଦ ଅଧିନିୟମ ୧୯୭୦ ର ୪୮ଧାରା ଓ ଉପଧାରା ୩୬ ଅନୁଚ୍ଛେଦ ୧ ଝ, ଞ, ଟ ଅନୁଯାୟୀ ଓ ସ୍ନାତକୋତ୍ତର ଆୟୁର୍ବେଦ ଶିକ୍ଷା ୨୦୧୬ ଅନୁଯାୟୀ ବିନିୟମ ୧୦ ଉପ ବିନିୟମ ୮କୁ ସଂଶୋଧନ କରି ୨୦୨୦ ରେ ଏହା କୁହାଯାଉଛି; ଆୟୁର୍ବେଦ ଡାକ୍ତରମାନେ ଶଲ୍ୟ କର୍ମ କରିପାରିବେ । ଦୀର୍ଘ ଦିନରୁ ଆୟୁର୍ବେଦ ଡାକ୍ତର ମାନେ ଶଲ୍ୟ କର୍ମ କରି ଆସୁଛନ୍ତି ଯାହା ଆଇନ ସମ୍ମତ । ଆମଦେଶର ଗୌରବମୟ ଚିକିତ୍ସା ନବିଚାରି ଏଲୋପାଥିକ ଡାକ୍ତରମାନେ ଦେଶସାରା ପ୍ରତିବାଦ କଲେ । ସୁଶ୍ରୁତ ଶଲ୍ୟ ଚିକିତ୍ସାର ସ୍ରଷ୍ଟା । ୧୯୭୦ ମସିହାରେ ଆୟୁର୍ବେଦକୁ ଏକ ସଫଳ ବିଜ୍ଞାନ ଭାବେ ଭାରତ ସରକାର ଅନୁମୋଦିତ କରିଛନ୍ତି । ଭାରତରେ ଷାଠିଏ ପ୍ରତିଶତ ଆୟୁର୍ବେଦ ଫାର୍ମାସୀ ଔଷଧ ତିଆରି ନକରି ଭାରତରେ ଥିବା ଦୁଇ ତିନୋଟି ଫାର୍ମାସୀରୁ କିଣି ନିଜ ଫାର୍ମାସୀ ନାମରେ ଡବାରେ ପୁରାଇ ବିକୁଛନ୍ତି । ଅଶି ପ୍ରତିଶତ ଫାର୍ମାସୀରେ ଜିଏମପି ଗାଇଡ ଲାଇନ ଅନୁସାରେ ଔଷଧ ତିଆର ହେଉନାହିଁ ବା ଆବଶ୍ୟକୀୟ ଯନ୍ତ୍ରପାତି ନାହିଁ । ତଥାପି ଆୟୁଷ ବିଭାଗ ଅନୁମତି ଦେଇ ଚାଲିଛି । ଆୟୁର୍ବେଦ ଡାକ୍ତର ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି । ବିଭିଗୀୟ ନିର୍ଦ୍ଦେଶକ ବଦଳରେ ଆଇଏ ଏସ୍ କିମ୍ବା ଓଏଏସ ଜଣେ ନିର୍ଦ୍ଦେଶକ ପଦବୀରେ ରହୁଛନ୍ତି କିରାଣୀଙ୍କ ପରାମର୍ଶରେ ସମୟ ବିତାଇ ଚାଲିଯାଉଛନ୍ତି । ବିଭାଗର ଉନ୍ନତି ଚିନ୍ତା କେହି କରୁ ନାହାଁନ୍ତି । ଶିକ୍ଷା ଅନୁଷ୍ଠାନ ଗୁଡିକରେ ଆବଶ୍ୟକୀୟ ଅଧ୍ୟାପକ ନାହାଁନ୍ତି । କଲେଜରେ ଅବସର ପ୍ରାପ୍ତ ଅଧ୍ୟାପକ ମାନଙ୍କୁ ଠିକାରେ ନିଯୁକ୍ତି ଦିଆଯାଉଛି । ସିସିଆଇଏମ ପରିଦର୍ଶନ ସମୟରେ ବର୍ଷରେ ଦିନେ ଦୁଇଦିନ ଆସୁଛନ୍ତି । ଅନ୍ତଃ ଓ ବହିଃ ବିଭାଗରେ ରୋଗୀ ନାହାଁନ୍ତି ସବୁକିଛି କାଗଜପତ୍ରରେ ଚାଲିଛି । ଦୂରଦର୍ଶନ, ଆକାଶବାଣୀରେ ଏଲୋପାଥିକ ଡାକ୍ତରଙ୍କ ସାକ୍ଷାତକାର ନେଲା ବେଳେ କେହି ଯଦି କୌଣସି ଚେର,ପତ୍ର ଖାଉ ଥିବା ପ୍ରକାଶ କରନ୍ତି ନାକଟେକି କହନ୍ତି ନା ନା ସେଗୁଡିକ ବିଜ୍ଞାନ ସମ୍ମତ ନୁହଁ, ଅନ୍ଧବିଶ୍ୱାସ ଖାଆନ୍ତୁ ନାହିଁ । କିଛି ଉଚ୍ଚବର୍ଗର ପ୍ରଫେସର କହନ୍ତି ସେହି ବିଷୟରେ ଆମର ଜ୍ଞାନ ନାହିଁ ଅୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଆୟୁର୍ବେଦ ନାମ ନେଇ ଏତେ ଅତିରଂଜିତ ବିଜ୍ଞାପନ ପ୍ରକାଶ ପାଉଛି ଥଣ୍ଡା ତେଲରେ ବିପି,ଉନ୍ମାଦ ଭଲ ହୋଇ ଯାଉଛି । ବାମନ ଲମ୍ବ ହୋଇ ଯାଉଛି,ଚନ୍ଦା ମୁଣ୍ଡରେ କେଶ ଲମ୍ବି ଯାଉଛି । କେତେକ ଦେଶଦ୍ରୋହୀ କଂପାନୀ ସୁଗନ୍ଧି ନାମରେ ମଦ୍ୟ ବିକନ୍ତି ତ କେତେକ ମଦରଟିଂଚର, ପୋଟେନ୍ସି ନାମରେ ମଦ ବିକି ଧରା ପଡନ୍ତି । ପ୍ରଚାର, ସଫଳତାର ତାରତମ୍ୟ ବିଜ୍ଞାନକୁ ଅପମାନିତ କରୁଛି । ଯୋଗ- ଆଜି ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଓ ଶାରୀରିକ ଆୟାସର ଚିକିତ୍ସା । ଧିରେ ଧିରେ ଜନସାଧାରଣ ବୁଝିଲେଣି ଜୀବନସାରା ଔଷଧ ଖାଇଲେ ମଧ୍ୟ ରୋଗ ଭଲ ହେବନାହିଁ, ଉପଶମ ହେବ ଏଣୁ ଯେଉଁ କାରଣରୁ ବା ଆହାର ବିହାରରୁ ରୋଗ ହେଉଛି ତାକୁ ଛାଡିଲେ ସୁସ୍ଥ ହେବା ସହ ଆଜୀବନ ନିରାମୟ ରହିପାରିବେ ଏଣୁ ଯୋଗ,ଆସନ ଓ ପ୍ରାକୃତିକ ଚକିତ୍ସାର ଆଶ୍ରୟ ନେଉଛନ୍ତି । ଏହି ଦେବ ଦୁର୍ଲଭ ଆୟୁର୍ବେଦ କେବଳ କେତେକ ଗଛ,ଲତା,ଚେର ମୂଳୀ ମଧ୍ୟରେ ସୀମିତ ନାହିଁ; ଏଥିରେ ଅଛି ଯୋଗ,ଆସନ, ପ୍ରାଣାୟମ, ଦିନଚର୍ଯ୍ୟା, ଋତୁଚର୍ଯ୍ୟା ଓ ସଦାଚାର ମାନବିକ ମୂଲ୍ୟ ବୋଧକୁ ସମାଜରେ ଉପସ୍ଥାପନ ପାଇଁ ଅନେକ ଉପଦେଶ । ଦେଶ ଓ ରାଜ୍ୟ ସରକାର ମାନେ ପୂଜ୍ୟ ଶହୀଦ ମାନଙ୍କ ନାମ ସ୍ମରଣ, ତ୍ରିରଙ୍ଗା ଉଡାଇବାରେ ନିଜକୁ ସୀମିତ ନରଖି, ଯେଉଁ ବିଜ୍ଞାନ ପାଇଁ ଭାରତ ଆଜି ବିଶ୍ୱଗୁରୁର ସମ୍ମାନ ପାଇଛି; ସେହି ସବୁ ବିଜ୍ଞାନକୁ ପ୍ରସାର କରନ୍ତୁ, ସ୍ୱଦେଶୀ ବ୍ୟବହାର କରନ୍ତୁ ।

*ଫୋନ-୯୮୬୧୪୫୦୬୧୨*

# ଆମ ସମ୍ବିଧାନ ଓ ଅଧିକାର

◆ ବିଶପ ଡି. ବି . ହୃଦୟ

୧୯୬୦ ମସିହାରୁ ସମ୍ବିଧାନର ଧର୍ମ ନିରପେକ୍ଷ (**secular** ) ଶବ୍ଦଟିକୁ ନେଇ ଅନେକ ବିଚାର ବିମର୍ଶ ଜାରି ରହିଛି । ଭାରତର ସମ୍ବିଧାନ ସାରା ପୃଥିବୀରେ ଏକ ଉତମ ସମ୍ବିଧାନ ଭାବେ ପରିଚିତ । ହିମାଳୟ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତ ଭାରତୀୟଙ୍କ ଜନ ମଙ୍ଗଳ ନିମନ୍ତେ ଏହି ସମ୍ବିଧାନରେ ବ୍ୟବସ୍ଥା ରହିଛି । ସ୍ୱାଧୀନତା ପରେ ଆମେ ଭାରତର ଜନସାଧାରଣ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଶିରଧାର୍ଯ୍ୟ ପୂର୍ବକ ଗ୍ରହଣ କରିଛୁ ଏବଂ କେହି କେହି ମତାନ୍ତର କରୁଛନ୍ତି । ବର୍ତ୍ତମାନ ସମୟର ଭିନ୍ନ ଭିନ୍ନ ମତକୁ ବିଚାରକୁ ଆଣିଲେ ଜଣାପଡେ ଯେ, ସତେ ଯେପରି ସେହି ସମୟରେ ଅର୍ଥାତ ଡିସେମ୍ବର ୧୯୪୬ ମସିହାରୁ ନଭେମ୍ବର ୧୯୪୯ ସମୟରେ ଦୀର୍ଘ ତିନିବର୍ଷ କାଳ ମଧ୍ୟରେ ସମ୍ବିଧାନ ପ୍ରଣେତାମାନେ ଦୂରଦୃଷ୍ଟି ରଖି ନଥିଲେ । ତଥାପି ମଧ ଭାରତୀୟ ସମ୍ବିଧାନର ୩୬୮ ଅଧିନିୟମ ଅନୁଯାୟୀ ଆବଶ୍ୟକସ୍ଥଳେ ପାର୍ଲିଆମେଂଟ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁସାରେ ପାର୍ଲିଆମେଂଟର ଦୁଇ ତୃତୀୟାଂଶ ବହୁମତ ଭୋଟରେ ସଂଶୋଧନ କରାଯାଇ ପାରିବ । ଏହି ସଂଶୋଧନ ପ୍ରକ୍ରିୟାରେ ସାଧାରଣ ମତ (**simple majority**), ନିର୍ଦ୍ଦିଷ୍ଟ ମତ (**specific majority** ), ପୁଣି ବିଶେଷ ନିର୍ଦ୍ଦିଷ୍ଟ ମତ (**rectification majority**) ଏହା ସମ୍ବିଧାନ ସଂଶୋଧନ ଆଇନ ପରିସର ମଧ୍ୟରେ କରାଯିବା ଉଚିତ । ବିଭିନ୍ନ ଦେଶର ସମ୍ବିଧାନକୁ ଅଧ୍ୟୟନ କରି ଭାରତର ସମ୍ବିଧାନ ପ୍ରଣେତାମାନେ ଯେଉଁ ବିଜ୍ଞତାର ଆଦର୍ଶ ଦେଖାଇଛନ୍ତି ତାହାର ତୁଳନା ନାହିଁ । ଯେପରି ଯାହାକୁ ସୁହାଇଲା ସେପରି ତର୍ଜମା କରି ବିକୃତି କରିବା ସର୍ବାଦଉ ଉଚିତ ନୁହେଁ । ଆମ ଦେଶର ସରକାର କେନ୍ଦ୍ରରେ ହେଉ ଅବା ପ୍ରାଦେଶିକ ସ୍ତରରେ ହେଉ, ଯେଉଁ ଆଇନ ତିଆରି କରିବେ ବା ପରିବର୍ତ୍ତନ କରନ୍ତି ତାହା ବିଚାର ବ୍ୟବସ୍ଥାର ପରିସରଭୁକ୍ତ ଅଟେ । ଭାରତର ନାଗରିକ ମାନଙ୍କର ଅଧିକାର ଓ କର୍ତ୍ତବ୍ୟ ଗାଁ ଗହଳରେ ସଚେତନ ହୋଇ ଗଣତନ୍ତ୍ର ପ୍ରତିଷ୍ଠା କରିବା ଓ ଧର୍ମନିରପେକ୍ଷ ସମାଜ ଗଠନ କରିବାର ଲକ୍ଷ୍ୟ ସମସ୍ତେ ଜାଣିବା ଉଚିତ । ସମ୍ବିଧାନ ପ୍ରଣେତା ମାନେ ଆମଦେଶର ସାମ୍ୟବାଦ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଲକ୍ଷ୍ୟ ରଖିଥିଲେ । ୧୯୪୬ ଠାରୁ ୨୦୨୫ ମସିହା ଶୁଦ୍ଧା ୭୭ ବର୍ଷ ମଧ୍ୟରେ ୧୦୬ ଥର ସମ୍ବିଧାନ ସଂଶୋଧନ ହୋଇଅଛି, ଏହାର ଅର୍ଥ ବର୍ତ୍ତମାନ ଶୁଦ୍ଧା ଭାରତୀୟ ସମ୍ବିଧାନ ଅଶୁଦ୍ଧ ରହିଅଛି । ଗଣତନ୍ତ୍ର ସାଧନ ଆମଦେଶରେ ନୂଆ କଥା ନୁହେଁ,ମାତ୍ର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶାସକ ଦଳ ମାନଙ୍କ ଅଧିନସ୍ଥ ହେବାକୁ ପଡୁଛି ଏହାମଧ ପରାଧୀନତାର ବନ୍ଧନ ଏହାକୁ ଆମ୍ଭେମାନେ ଭୁଲିଯାଉଅଛୁ । ଆମ ଦେଶର ଶାସନ ପ୍ରତ୍ୟେକ ନାଗରିକ ସାମୁହିକ ଜନତା ନିମନ୍ତେ ଉଦ୍ଦିଷ୍ଟ ହୋଇଛି ବୋଲି ଅନୁଭବ କରିବା ନିତାନ୍ତ ଅପରିହାର୍ଯ୍ୟ । ଭାରତୀୟ ସମ୍ବିଧାନ ନିମନ୍ତେ ସମସ୍ତେ ସମାନ ଅଟନ୍ତି । ବର୍ତ୍ତମାନ ଜାତିଭିତିକ ଜନଗଣନା ଦ୍ୱାରା ଜାତି, ଜନଜାତି, ଉପଜାତି ସମସ୍ତେ ଆପଣା ଆପଣା ସ୍ଥିତି ଏବଂ ଉପସ୍ଥିତି ଅନୁଭବ କରି ପାରିବେ ପୁଣି, ସେହି ଅନୁସାରେ ନେତା ନିର୍ବାଚନ ମଧ ହୋଇପାରେ । ସମ୍ବିଧାନର ଆଧାରରେ ସବୁଧର୍ମର ଲୋକେ ସେମାନେ ଯେକୌଣସି ଜାତିର ଲୋକ ହେଲେମଧ ସେମାନଙ୍କ ପୂଜା ପଦ୍ଧତି ଅନୁସାରେ ଧର୍ମ କାର୍ଯ୍ୟ କରିପାରିବେ । ଏହିକ୍ଷେତ୍ରରେ ସରକାର ହସ୍ତକ୍ଷେପ କରନ୍ତି ନାହିଁ, କିନ୍ତୁ ବିଡମ୍ବନାର ବିଷୟ ଯେ, ଭାରତ ଜନନୀ ମାଟିରେ ଏହାର ବ୍ୟତିରେକ ଦେଖାଯାଏ । ଏହାର ଚିରସ୍ଥାୟୀ ପ୍ରତିକାର ହେବା ଉଚିତ । ପ୍ରତ୍ୟେକ ଜାତି ଓ ଧର୍ମର ଲୋକମାନେ ସେମାନଙ୍କର ଶିକ୍ଷା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ ଓ ଉନ୍ନତ ମାନର ସେବା ଭାରତ ମାଟି ପାଇଁ ଉତ୍ସର୍ଗ କରିବାର ସୁଯୋଗ ନେବା ଉଚିତ । ଜାତିବାଦ, ସାମ୍ପ୍ରଦାୟକତା, ନାରୀନିର୍ଯ୍ୟାତନା ଓ ଅନାବଶ୍ୟକ କୁଶାସନ ବିରୋଧରେ ଗଣତନ୍ତ୍ରର ରୁଦ୍ରରୂପ ଆବଶ୍ୟକ । ଗଣତନ୍ତ୍ର କେବଳ ନିର୍ବାଚନ ମାଧ୍ୟମରେ ଶାସନ ଦଳକୁ ବଦଳ କରିବା ଯଥେଷ୍ଟ ନୁହେଁ, ବରଂ ଏହା ଏକ ଜନସାଧାରଣର ବା ନାଗରିକର ଅଧିକାର । ବର୍ତ୍ତମାନ ସମୟର ଅତିଜରୁରୀ ଆବଶ୍ୟକତା ଗଣତନ୍ତ୍ରର ସଚେତନତା, ଶିକ୍ଷିତ ଓ ସମାଲୋଚନାତ୍ମକ ରୂପ ଯେପରି ପ୍ରତ୍ୟେକ ସମାଜ ସେବା, ନ୍ୟାୟ, ଓ ମାନବତାକୁ ଶିରୋଧାର୍ଯ୍ୟ କରିପାରିବେ । ଏହି ଶକ୍ତିଶାଳୀ ଗଣତନ୍ତ୍ର ଗଢିବା ନିମନ୍ତେ ଆମେ ପ୍ରତ୍ୟେକ ନାଗରିକ ଆବଶ୍ୟକସ୍ଥଳେ ନାଗରିକ ଆନ୍ଦୋଳନ ଏବଂ ସଚେତନ ଶିବିରମାନ ଗ୍ରାମୀଣ ସ୍ତରରେ ଆୟୋଜନ କରି ଗଣତନ୍ତ୍ରର ବିପଦକୁ ରୋକିବା ପ୍ରତ୍ୟେକ ନାଗରିକର ମହତ୍ୱପୂର୍ଣ୍ଣ କର୍ତ୍ତବ୍ୟ ରହିଛି । ଦେଶ ଭକ୍ତି ଜାତି ଧର୍ମ ଆଧାରରେ ହିଂସା ଏହା ପରସ୍ପର ବିରୁଦ୍ଧାତ୍ମକ ଅଟେ । ନାଗରିକମାନେ ଖାଲି ଅଧିକାର ପାଇଲେ ହେବନାହିଁ । ଆମ ଜନ୍ମ ମାଟିର ମା' ପରି ସେବା କରିବାର କର୍ତ୍ତବ୍ୟ ମଧ ରହିଛି । ଦେଶକୁ ସର୍ବାଙ୍ଗ ସୁ କରିବା ନିମନ୍ତେ ପ୍ରତ୍ୟେକ ଭାରତୀୟ ନାଗଡ଼ିକଙ୍କର ପବିତ୍ର ଦାୟିତ୍ୱ । ଅଧିକାର ଏବଂ କର୍ତ୍ତବ୍ୟ ଏକ ମୁଦ୍ରାର ଦୁ ପାର୍ଶ୍ୱଭଳି । କର୍ତ୍ତବ୍ୟ ବିଭିନ୍ନ ପ୍ରକାରର, ପ୍ରତ୍ୟେକ କର୍ତ୍ତବ୍ୟକୁ ନୈତିକ ଓ ଆଇନଗତ ଭାବରେ ପାଳନ କରିବା କର୍ତ୍ତବ୍ୟ କାରଣ କୌଣସି ନାଗରିକ ଆଉଆ ଏକ ପଡୋଶୀ ନାଗରିକଙ୍କୁ ବାଧ କରେ ନାହିଁ, ସମାଜ ସମାଜ ମଧ୍ୟରେ ମନୋଭାବ ଏବଂ ଆଚରଣରୁ ସହନଶୀଳ ସଂସ୍କାର ଆଣିଲେ ସମସ୍ତ ପ୍ରକାର ଉନ୍ନତି ରାଷ୍ଟ୍ର ନିମନ୍ତେ ହିତକାରକ ବୋଲି ମାନି ନେବା ଉଚିତ । ରାଷ୍ଟ୍ରର ମର୍ଯ୍ୟାଦା ପ୍ରଥମେ ନାଗରିକ ର କର୍ତ୍ତବ୍ୟ ।

*କୁରୁଡା, ବାଲେଶ୍ୱର*

# କିଶୋରୀ ଚରଣ ଦାସ 'ଠାକୁର ଘର'ର ସ୍ରଷ୍ଟା

◆ ବାଦଲ ଭୂୟାଁ



ଆଧୁନିକ ଓଡ଼ିଆ କଥା ସାହିତ୍ୟରେ କିଶୋରୀ ଚରଣ ଦାସ ଏକ ସୁପରିଚିତ ନାମ । ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଆ ଗଳ୍ପ ସାହିତ୍ୟର ଗତି ଯେତେ ବେଳେ ଧୀର ହୋଇଯାଇଥିଲା ଏବଂ ଯେତେବେଳେ ରାଜକିଶୋର ରାୟ, ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ପ୍ରବୀଣ କଥାକାରମାନେ ବିଶ୍ରାମରତ ଅବସ୍ଥାକୁ ଆସିଯାଇଥିଲେ, ସେତିକି ବେଳେ ଯେଉଁମାନେ କଥା ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରି, ଏହାର କଳେବର ବୃଦ୍ଧି କରାଇଥିଲେ, ସେମାନଙ୍କ ମଧ୍ୟରେ କିଶୋରୀ ଚରଣ ଅନ୍ୟତମ । ସ୍କୁଲରେ ପଢୁଥିବା ବେଳେ କବିତା ଲେଖାରୁ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା । ସେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ । ତେବେ ମୁଖ୍ୟତଃ ଗଳ୍ପ ଓ ଉପନ୍ୟାସ ପାଇଁ ସେ ଅବିସ୍ମରଣୀୟ ରହିବେ । ପରଦା ତଳେ ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ । ଏହା ନବୀନ ପତ୍ରିକାରେ ପ୍ରକାଶିତ ହୋଇଥିଲା । କବିତାରୁ ଗଳ୍ପ କ୍ଷେତ୍ରକୁ ଲମ୍ଫ ପ୍ରସଙ୍ଗରେ ଏକଦା ଏକ ସାକ୍ଷାତ୍କାର ଅବସରରେ ସେ କହିଥିଲେ ସେ ଯାହା କହିବାକୁ ଚାହୁଁଛନ୍ତି, ତାହା ଅଳ୍ପରେ ସାରିହେବନାହିଁ । ତେଣୁ ସେ କ୍ଷେତ୍ର ପରିବର୍ତ୍ତନ କରିଥିଲେ । ଏହା ସତ୍ତ୍ୱେ କବିତା ଲେଖା ସଂପୂର୍ଣ୍ଣ ଛାଡ଼ିପାରି ନଥିଲେ । ଲେଖିବାକୁ ଭଲଲାଗେ, ତେଣୁ, ସେ ଲେଖୁଥିଲେ । ତାଙ୍କ ଲିଖିତ ଉପନ୍ୟାସ ସଂଖ୍ୟା ସାତ ଏବଂ ଗଳ୍ପ ସଂକଳନ ସଂଖ୍ୟା କୋଡ଼ିଏ । ସମୟ ନାହିଁ ତାଙ୍କର ଆତ୍ମଚରିତ । କଟକର ଖଟବିନ ସାହିରେ ଜନ୍ମ ହୋଇଥିବା କିଶୋରୀ ଚରଣଙ୍କର ଶୈଶବ ଓ କୈଶୋର ଓଡ଼ିଶାର ବିଭିନ୍ନ ସ୍ଥାନରେ କଟିଥିଲା । କାରଣ, ପିତା ଥିଲେ ସରକାରୀ ଚାକିରିଆ । ବଦଳି ଯୋଗୁଁ ବିଭିନ୍ନ ସ୍ଥାନରେ କିଛି କିଛି କାଳ ରହିବାକୁ ପଡୁଥିଲା । କେନ୍ଦ୍ରାପଡ଼ା ହାଇ ସ୍କୁଲରୁ ମାଟ୍ରିକ, ରାଭେନ୍‌ସାରୁ ସ୍ନାତକ ପରେ ସେ ପାଟନା ବିଶ୍ୱବିଦ୍ୟାଳରେ ଇତିହାସ ବିଷୟରେ ସ୍ନାତକୋତର ପଢ଼ିଥିଲେ । ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ତିନିବର୍ଷ ପରେ ଇଣ୍ଡିଆନ୍ ଅଡ଼ିଟ୍ ଆଣ୍ଡ ଏକାଉଂଟସ୍ ସର୍ଭିସରେ ଯୋଗ ଦେଇଥିଲେ । ବୃତିଗତ ଜୀବନର ପ୍ରାୟ କୋଡିଏ ବର୍ଷ କଟିଥିଲା କାଲକାତା ଓ ଦିଲ୍ଲୀରେ । କିଛି କାଳ ବିଦେଶରେ ମଧ ରହିଥିଲେ । ତାଙ୍କର ଗୁଡ଼ିଏ ସାହିତ୍ୟର ସୃଷ୍ଟି ଓଡ଼ିଶା ବାହାରେ । ତଥାପି ପ୍ରାୟ ସବୁଥିରେ ଓଡ଼ିଆ ଜୀବନର ଚିତ୍ର ଦେଖିବାକୁ ମିଳେ । ଅବସର ପରେ ସେ ଜନ୍ମ ସ୍ଥାନ ଖଟବିନ ସାହିକୁ ହିଁ ଶେଷ ଠିକଣା ଭାବେ ବାଛିଥିଲେ ଏବଂ ଜୀବନର ଶେଷ ଉଣେଇଶ ବର୍ଷ ଏଠାରେ ହିଁ କଟିଥିଲା । ସ୍ୱାସ୍ଥ୍ୟଗତ କାରଣରୁ ୨୦୦୪ ଅଗଷ୍ଟ ଆଜିର ଦିନରେ ଦିଲ୍ଲୀର ଏମ୍‌ସ୍‌ରେ ତାଙ୍କର ପରଲୋକ ହୋଇଥିଲା ।

*ପ୍ରତିଷ୍ଠାତା ସମ୍ପାଦକ*
*ନ୍ତସିଂହଭୂମ', ୪ଜି ପ୍ରତାପ*
*ଆପାର୍ଟମେଂଟ, ୭*
*ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର,*
*ଦୂରଭାଷ ୭୪୮୮୯୯୮୫୩୨*

ପରଲୋକ ତିଥି ଅବସରରେ

# ଡକ୍ଟର ନଟବର ସାମନ୍ତରାୟ : ସଖାହୀନ ପଂଚସଖାର ଲେଖକ

ଓଡ଼ିଆ ସାହିତ୍ୟର ଧର୍ମ ଧାରାରେ ପ୍ରଚଳିତ ପଂଚସଖାର ପରିକଳ୍ପନା ଏକ କାଳ୍ପନିକ ଆବେଗ ବୋଲି ମତ ଦେଇ ଏକଦା ଚହଳ ସୃଷ୍ଟି କରିଥିଲେ ଜଣେ ସୁପ୍ରସିଦ୍ଧ ଗବେଷକ ନିବନ୍ଧକାର । ଏହି ପ୍ରସଙ୍ଗରେ ତାଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ପୁସ୍ତକ ସଖାହୀନ ପଂଚସଖା ୧୯୭୫ରେ ପ୍ରକାଶିତ ହୋଇଥିଲା । ଅନେକ ତାଙ୍କ ମତକୁ ଖଣ୍ଡନ କରିବା ପାଇଁ ଉଦ୍ୟମ କରିଥିଲେ ହେଁ, ଶେଷରେ ବିଜୟ ହୋଇଥିଲା ତାଙ୍କର । ସେ ହେଉଛନ୍ତି ଡକ୍ଟର ନଟବର ସାମନ୍ତରାୟ । ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ତାଙ୍କ ଅବଦାନ ଯୁଗ ପରେ ଯୁଗ, ତାଙ୍କୁ ଅବିସ୍ମରଣୀୟ କରିରଖିବା । ନିଜ ଲେଖକ ଜୀବନରେ ସେ ସରଳ ତଥା ରସାଳ ଭାଷାରେ ବହୁ ପ୍ରବନ୍ଧ ରଚନା କରିଥିଲେ । ବ୍ୟାସକବି ଫକୀରମୋହନଙ୍କ ରଚନା ଆଧାରରେ ତାଙ୍କ ଦ୍ୱାରା ଲିଖିତ ପାଗଳ ଭଗିଆର ଜବାନବନ୍ଦି, ନେତ୍ରମଣିର ଡାଏରି, ମୁଁ ଚଷା ପୁଅ,. ଦାରୋଗାବାବୁଙ୍କ ରିପୋର୍ଟ, ନଟବରଙ୍କ ନିକଟକୁ ଗୋକୁଳି ପଟ୍ଟନାୟକଙ୍କ ପତ୍ର ଆଦି ପ୍ରବନ୍ଧ ଉଲ୍ଲେଖଯୋଗ୍ୟ । ଓଡ଼ିଶା ସାହିତ୍ୟରେ ଡକ୍ଟରେଟ୍ ଲାଭ କରିଥିବା ନଟବରଙ୍କ କର୍ମମୟ ଜୀବନ ହାଇସ୍କୁଲ ଶିକ୍ଷକ ଭାବେ ଆରମ୍ଭ ହୋଇଥିଲା । ସ୍କୁଲ ଶିକ୍ଷକ ଜୀବନରେ ସେ ପିଲାଙ୍କୁ ଗଣିତ, ଭୂଗୋଳ ଆଦି ପଢ଼ାଉଥିଲେ । କୈଶୋରରେ ପରିବାରର ଆର୍ଥିକ ସଙ୍କଟ, ତାଙ୍କ ଛାତ୍ର ଜୀବନକୁ ବ୍ୟତିବ୍ୟସ୍ତ କରି ରଖିଥିଲା । ଜଣେ ବାଲ୍ୟବନ୍ଧୁଙ୍କ ପିତା ତାଙ୍କର ଶିକ୍ଷା ଖର୍ଚ୍ଚ ବହନ କରିଥିଲେ । ଏକଦା



ଉଚ୍ଚ ଶିକ୍ଷା ଲାଭ ଲକ୍ଷ୍ୟରେ ନଟବର ଘର ଛାଡ଼ି ଟାଟାନଗର ପଳାଇଥିଲେ । ବାରାଣସୀରେ କିଛି କାଳ ରହି ଘରୋଇ ଭାବେ ଆଇଏ ପଢ଼ିଥିଲେ । ତାହା ପରେ ଓଡ଼ିଶା ଫେରି ରାଭେନ୍‌ସାରୁ ସ୍ନାତକ ଏବଂ ପରେ ଘରୋଇ ଭାବେ ସ୍ନାତକୋତର ଉତୀର୍ଣ୍ଣ ହୋଇଥିଲେ । ବାରିପଦାର ଏମ୍‌ପିସି କଲେଜରୁ ତାଙ୍କର ଅଧ୍ୟାପକ ଜୀବନର ପ୍ରାରମ୍ଭ । ସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପୁରସ୍କାର ଲାଭ କରିଥିବା ନଟବରଙ୍କର ୨୦୦୦ ଅଗଷ୍ଟ ୧୭ ତାରିଖରେ ପରଲୋକ ହୋଇଥିଲା ।



# କସ୍ତୁରୀ

## ଘରକରଣା ଟିପ୍ସ

■ ଯଦି ତରକାରୀ ବା ଡାଲିରେ ଅଧିକ ଲଙ୍କା ପଡ଼ିଯାଉଥାଏ, ତେବେ ସେଥିରେ ଟମାଟୋ ସଶ୍ ପକାନ୍ତୁ ରାଗ କମିଯିବ ।

■ ପି□ଳ ବାସନକୁ ଲେମ୍ବୁ ଦ୍ୱାରାରଗଡ଼ି ସଫା କଲେ ପି□ଳ ବାସନର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ ।

■ କୌଣସି କାରଣରୁ ତେଲ ଯଦି ଢ଼ଳିଯାଏ, ତେବେ ତାକୁ ନଷ୍ଟ ନ କରି ଟେବୁଲ, ପଙ୍ଖା ସଫା କରିବାରେ ବ୍ୟବହାର କରନ୍ତୁ ।

■ କପଡ଼ା ସଫାରେ ବ୍ୟବହୃତ ବ୍ରସ୍ ଯଦି ନଷ୍ଟ ହୋଇଯାଏ, ତେବେ ଏହି ବ୍ରଶକୁ ବାଥ୍ରୁମ୍, ନଳା ପ୍ରଭୃତିରେ ହୋଇଥିବା ଶିଉଳି ଛଡାଇବାରେ ବ୍ୟବହାର କରାଯାଇପାରେ ।

■ ପିଆଜକୁ ଫାଳ କରି ତେଲରେ ବୁଡାଇ ତାୱାରେ ଘଷି ପିଠା କଲେ ପିଠା ସହଜରେ ଉଠେ ।

■ ପାଳଙ୍ଗ ଶାଗ ତଥା ଅନ୍ୟ ଜାତୀୟ ଶାଗକୁ ଫ୍ରିଜ୍‌ରେ ରଖିଥିଲେ, ତାହା ପଲିଥିନ୍‌ରେ ଗୋଡ଼ାଇ ରଖନ୍ତୁ, ଯେମିତି ତାହାର ମୂଳ ଦିଶୁଥିବ । ଯାହାଫଳରେ ଶାଗ ଦୁଇ ତିନିଦିନ ପର୍ଯ୍ୟନ୍ତ ସତେଜ ରହିଥାଏ ।

■ ସ୍ୟାଣ୍ଡୱିଚ୍ କରିବାବେଳେ ପାଉଁରୁଟିର ଦୁଇପାଖରେ ଭଲଭାବରେ କ୍ଷୀର ଲଗାଇ ଦିଅନ୍ତୁ । ତାହା ଅଧିକ ସମୟ ରହିଲେ ବି ନରମ ରହିବ ।

■ ଚିଙ୍ଗୁଡ଼ି ମାଛର କାତି ଛଡ଼ାଇବା କଷ୍ଟ, ଯଦି ତାକୁ ଉଷୁମ ପାଣିରେ କିଛି ସମୟ ପକାଇଲେ, ତା'ହେଲେ କାତି ଛାଡ଼ିବା ସହଜ ହେବ ।

■ ପୋଷାକ ପତ୍ରରୁ ସାହି ଦାଗ ଛଡ଼ାଇବା ନିମନ୍ତେ ଦହି ବ୍ୟବହାର କରନ୍ତୁ । ସହଜରେ ସାହି ରଙ୍ଗ ଛାଡ଼ିଯିବ ।

■ ଶରୀରରେ ହେଉଥିବା ବିଭିନ୍ନ ପ୍ରକାର ଦାଗକୁ ଦୂର କରିବାକୁ ହେଲେ ଲେମ୍ବୁ ସହ ତୁଳସୀ ପତ୍ରର ରସକୁ ସମପରିମାଣରେ ମିଶାଇ ଲଗାଇଲେ ଦାଗ ଦୂର ହୋଇଯାଏ ।

■ ତ୍ୱଚ ନିଆଁରେ ପୋଡ଼ିଗଲେ ସଂଗେ ସଂଗେ ଟୁଥ୍‌ପେଷ୍ଟ ଲଗାଇ ଦେଲେ ଶୀଘ୍ର ଉଷୁମ ମିଳେ ।

■ ପନୀର ପ୍ରସ୍ତୁତ କରିବା ସମୟରେ ଅଳ୍ପ କିଛି କ୍ରିମ୍ ମିଶ୍ରଣ କରିବା ଦ୍ୱାରା ପନୀର ଅତ୍ୟନ୍ତ ମୁଲାୟମ୍ ହୋଇ ଉଠେ ।

■ ବାଳରେ ରୂପି ହେଉଥିଲେ ଋ ଗୁଣ୍ଡ ପାଣିରେ ସିଝାଇ ସେହି ପାଣିକୁ ଛାଣି ମୁଣ୍ଡ ସଫା କଲେ ରୂପି ଆଉ କେବେ ହେବ ନାହିଁ ।

■ ହୀରାକୁ ଟୁଥ୍‌ପେଷ୍ଟ ଦ୍ୱାରା ସଫା କଲେ ହୀରାର ରଙ୍ଗ ଉଜ୍ଜ୍ୱଳ ହୋଇ ଉଠେ ।

## ମେକ୍‌ଅପ୍ ସଫା କରିବାର ଉପାୟ



*ବଜାରରେ ମିଳୁଥିବା ଦାମୀ କ୍ରିମ୍ ପରିବର୍ତ୍ତେ ମେକଅପ୍ ସଫା କରିବାକୁ ଘରୋଇ ଉପଚର କରନ୍ତୁ । ଏଇ ଯେପରି ନଡ଼ିଆ ତେଲ, କଂଚା କ୍ଷୀର, ପେଟ୍ରୋଲିୟମ ଜେଲି ଓ ଦହି ଇତ୍ୟାଦି ।*

▶▶ କଂଚ କ୍ଷୀରରେ ଲୁଣ ମିଶାଇ ତ୍ୱଚକୁ ପୋଛିଲେ ସମସ୍ତ ମଇଳା, ଅପରିଷ୍କାର ଦୂର ହୋଇଯାଏ ।

▶▶ ବିଉଟିସିଆନ୍ ଶେହଜାନ୍ ହୁସୈନ ପରାମର୍ଶ ଦେଇଛନ୍ତି, ତୁଳାରେ ଦହି ନେଇ ମୁହଁରୁ ମେକଅପ୍ ଓ ଓଠରୁ ଲିପ୍‌ଷ୍ଟିକ୍ ପୋଛି ପାରିବେ । ଏହା ତ୍ୱଚ ପାଇଁ ପ୍ରାକୃତିକ ମଏଶ୍ଚରାଇଜର ଭଳି କାମ କରେ ।

▶▶ ପେଟ୍ରୋଲିୟମ ଜେଲି ଥିଲେ ମଧ୍ୟ ସେଥିରେ ତ୍ୱଚକୁ ପୋଛି ପାରିବେ । ଏ ସବୁ ତ୍ୱଚ ପାଇଁ ଆଦୌ କ୍ଷତିକାରକ ନୁହେଁ ବରଂ ତ୍ୱଚର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ ।

▶▶ ମୁହଁକୁ ସବୁ ବେଳେ ଥଣ୍ଡା ପାଣିର ଛିଟା ମାରି ଧୋଇବେ । ଗରମ ପାଣିରେ ମୁହଁ ଧୋଇଲେ ତ୍ୱଚରେ ଭାଙ୍ଗି ହେବା ସହ ଶୁଷ୍କ ହୁଏ

+++

# ବିବାହକୁ ସ୍ମରଣୀୟ କରିଥାଏ ଆକର୍ଷଣ ଗହଣା

ବିବାହ ପ୍ରତ୍ୟେକ ଝିଅ ଜୀବନର ସ୍ୱପ୍ନ ଅଟେ, ଯାହାକୁ ସେ ଦେଖିଥାଏ ଛୋଟବେଳୁ ଏବଂ ଯେତେବେଳେ ସେହି ସମୟ ଉପସ୍ଥିତ ହୋଇଯାଏ ତା'ର ପ୍ରତ୍ୟେକ ମୁହୂ□ ତା' ପାଇଁ ଖାସ୍ ହୋଇଥାଏ । ମହିଳାଙ୍କ ପାଇଁ ଖାସ୍ ହୋଇଥାଏ । ମହିଳାଙ୍କ ପାଇଁ ପ୍ରତ୍ୟେକ ଅବସରକୁ ଖାସ୍ କରିବାରେ ଗହଣା ଭୂମିକା ଗୁରୁତ୍ୱପୂର୍ଣ୍ଣ କାରଣ ଗହଣା ଫ୍ୟାଶନ ହିଁ ନୁହେଁ ବରଂ ପରମ୍ପରାର ମଧ୍ୟ ପ୍ରତୀକ ଅଟେ । ବିବାହରେ ଗହଣା ପିନ୍ଧିବା ଏବଂ ଗହଣାକୁ ଉପହାର ସ୍ୱରୂପେ ଦେବା ଆମର ପାରମ୍ପାରିକ ଚଳଣି ଅଟେ । ପୋଲକି ଏବଂ କୁନ୍ଦନ ଜୁଏଲାରୀ(ଗହଣା) । ଗତ ୧୦ବର୍ଷରେ ସୁନା ଓ ରୂପାର ଦରଦାମ ବୃଦ୍ଧି ଯୋଗୁଁ ଏହା ସାଧାରଣ ଲୋକଙ୍କ ପାଇଁ କିଣିବା କାଠିକର ପାଠ ହୋଇଗଲାଣି ଏବଂ ମୂଲ୍ୟ ବୃଦ୍ଧିର ଫାଇଦା ଆର୍ଟିଫିସିଆଲ ଜୁଏଲାରୀକୁ ମିଳିଛି । ସେହିଦିନ ଗଲାଣି ଯେତେବେଳେ ସୁନା ଗହଣାରେ କନିଆକୁ ସଜା ଯାଉଥିଲା । ଏବେ ତ କାଷ୍ଟିଙ୍ଗ ଜ୍ୱେଲାରୀ, ମାଇକ୍ରୋ ଗୋଲ୍ଡ ପ୍ଲେଟିନ୍, କୁନ୍ଦନ, ହାଇଦ୍ରାବାଦି ମୋତି ଏବଂ ପୋଲକି ଗହଣାର



ଜମାନା ଅଟେ । ଏହି ଗହଣା ପିନ୍ଧିବାକୁ ଆରାମଦାୟକ ଏବଂ ଦେଖିବାକୁ ବହୁତ ସୁନ୍ଦର ଅଟେ । ଏହା ସହିତ ଏହି ଗହଣା ସୁନା ଓ ଚାନ୍ଦି ଗହଣା ତୁଳନାରେ ୧୦ ପ୍ରତିଶତ କମ୍ ଖର୍ଚ୍ଚ ହୋଇଥାଏ । ସେଥିପାଇଁ ଏହି ଗହଣା ଆପଣଙ୍କ ପକେଟ୍ ଉପରେ ଭାରି ପଡ଼ିନଥାଏ । ଯଦି ଆପଣ ଭାରି ଗହଣା ପିନ୍ଧିବାକୁ ଭଲ ପାଆନ୍ତି ତଥା ଆପଣଙ୍କ ବଜେଟ୍ ଠିକ୍‌ଠାକ୍ ଥାଏ ନିଲାମ ଜୁଏଲାରୀ, ଲାଇଟ୍ ଓ ୱେଟେଡ୍ ଇଟେଲିୟନ ଟଚ୍ ବଲିଉଡ୍‌ର ଗୋଲ୍ଡ ଜୁଏଲାରୀ ଆପଣଙ୍କ ପାଇଁ ବିକଳ୍ପ ଅଟେ । ଯାହା ବିବାହ ଅବସରରେ ରାଜକୀୟ ଭାବର ଅନୁଭୂତି ହୋଇଥାଏ । ଏହା ସତ୍ୟ ଅଟେ କି ହୀରା ସହିତ କାହାକୁ ତୁଳନା କରାଯାଇ ନପାରେ । ଏହା ଉତ୍କୃଷ୍ଟ ଅଟେ । ହୀରା ପିନ୍ଧିବା ଆଜି ମଧ୍ୟ ଉଚ୍ଚ ଷ୍ଟେଟସର ପ୍ରତୀକ ଅଟେ । ଯଦି ଆପଣ ମଧ୍ୟ ହୀରା ଗହଣା ଦ୍ୱାରା ଆପଣଙ୍କ ସୌନ୍ଦର୍ଯ୍ୟରେ ବୃଦ୍ଧି ଆଣିବାକୁ ଚାହାଁନ୍ତି, ତା'ହେଲେ ଟିବିଜେଟ୍, ଡି ଡମାସ, ଅସିମ୍ ଭଳି ଜୁଏଲାରୀ କଲେକ୍‌ସନ୍ ଉପରେ ଏକ ନଜର ନିଶ୍ଚୟ ପକାନ୍ତୁ । ପର୍ବପର୍ବାଣୀ (ଦୀପାବଳି, ଭାଲେ□ାଇନ୍ ଡେ, ରାକ୍ଷୀ ପୂର୍ଣ୍ଣିମା) ଏବଂ ବିବାହ ପାଇଁ ସମୟ ସମୟରେ ଏହି ବ୍ରାଣ୍ଡ ନିଜର ଖାସ୍ କଲେକ୍‌ସନ୍ ବଜାରରେ ଲ□ କରିଥାନ୍ତି । ଯାହାର ଫାଇଦା ଆପଣମାନେ କମ୍ ଦାମରେ ଗୁଣବ□ାରେ ଭରପୁର ଡାଇମଣ୍ଡ ଜୁଏଲାରୀ କିଣି ପାରିବେ । ଗହଣାରେ କ'ଣ ସବୁ ନୂତନତା ଆସିଛି ତାହା ସିରିଏଲ୍ ଛଡ଼ା ଆଉ କେଉଁଠି ଦେଖିବାକୁ ପାଇବେ । ବିଭିନ୍ନ ସିରିଏଲ୍‌ରେ ବ୍ୟବହୃତ



ଜୁଏଲାରୀ ଦ୍ୱାରା ମହିଳାମାନେ ଶୀଘ୍ର ଆକର୍ଷିତ ହୋଇଥାନ୍ତି । ନୂଆ ଜୁଏଲାରୀ ଟ୍ରେଣ୍ଡକୁ ବଜାରକୁ ଆଣିବାରେ ଏହି ସିରିଏଲ୍‌ମାନଙ୍କର ବଡ଼ ହାତ ରହିଛି । ଏହା ସହିତ 'ୟେ ରିସ୍ତା କୟା କେହେଲାତା ହେ'ର ଅକ୍ଷରା ଏବଂ 'ଉତରନ'ର ତପସ୍ୟା ପୁରୁଣା ଜଡ଼ାଉ ଜୁଏଲାରୀକୁ ନୂତନ ଭାବରେ ପ୍ରଦର୍ଶିତ କରିବାରୁ ଏହା ପ୍ରତ୍ୟେକ ମହିଳାଙ୍କ ପସନ୍ଦର ଜୁଏଲାରୀ ପାଲଟିଯାଇଛି । ସେହିପରି ବାଲିକା ବଧୂରେ ବ୍ୟବହୃତ ପୋଲକି ଗହଣା ମଧ୍ୟ ସମସ୍ତଙ୍କ ପ୍ରିୟ ହୋଇଗଲାଣି । ଯଦି ଆପଣ ବିବାହ ପାଇଁ ବ୍ରାଣ୍ଡେଡ ଜୁଏଲାରୀକୁ କମ୍ ଦାମ୍‌ରେ କିଣିବାକୁ ଚାହାଁନ୍ତି, ତା'ହେଲେ ବଜାର ଉପରେ କଡ଼ା ନଜର ରଖନ୍ତୁ । ଆଜିକାଲି ପ୍ରତିଯୋଗିତାମୂଳକ ଯୁଗରେ ପ୍ରତ୍ୟେକଦିନ ବିଭିନ୍ନ ଡିଜାଇନର ଜୁଏଲାରୀ ନିଜର ବ୍ରାଇଡଲ୍ ସ୍ପେଶାଲ ଜୁଏଲାରୀର ନୂଆ ନୂଆ କଲେକ୍‌ସନ୍ ଲ□ କରିଥାନ୍ତି, ଯେଉଁଥିରେ ବିବାହ ପାଇଁ ଆରାମଦାୟକ ଏବଂ ବଜେଟ୍ ଦୁଇଟି ପ୍ରତି ଗୁରୁତ୍ୱ ଦିଆଯାଇ ଥାଏ । ଏହାସହିତ ବିବାହ ଓ ପର୍ବପର୍ବାଣି ସିଜିନ୍‌ରେ ବହୁ ଜଣାଶୁଣା ବ୍ରାଣ୍ଡ ନିଜର ଜୁଏଲାରୀର ବିଶେଷ କଲେକ୍‌ସନ୍ ଲ□ କରିଥାନ୍ତି । ଏହି ଅବସରରେ ମିଳୁଥିବା ଡିସ୍‌କାଉ□ର ଫାଇଦା ଉଠାଇ ଆପଣ ନିଜର ମନମୁତାବକ ଜୁଏଲାରୀକୁ କମ୍ ଦାମ୍‌ରେ କିଣି ପାରିବେ । ଯେତେବେଳେ ଆପଣ କୌଣସି ଜୁଏଲାରୀ କିଣନ୍ତି ନିମ୍ନଲିଖିତ ବିଷୟ ଉପରେ ଧ୍ୟାନ ଦିଅନ୍ତୁ । ସବୁବେଳେ ବିଶ୍ୱସନୀୟ ଦୋକାନରେ ଜୁଏଲାରୀ କିଣନ୍ତୁ । ଜୁଏଲାରୀ କିଣିବା ସମୟରେ ଏହାର ଗୁଣବ□ା ଏବଂ ବଦଳ (ରିପ୍ଲେସ୍‌ମେ□)ରେ ମିଳୁଥିବା ଦାମ୍ ବିଷୟରେ ଜାଣନ୍ତୁ । ଜୁଏଲାରୀ କିଣିବା ପରେ ତା'ର ବିଲ୍ ଆଣିବାକୁ ଭୁଲନ୍ତୁ ନାହିଁ ।

+++

## ସୌନ୍ଦର୍ଯ୍ୟ

# ବର୍ଷାରେ ତ୍ୱଚା ଚର୍ଚ୍ଚା





ସଂକ୍ରମଣଜନିତ ସମସ୍ୟା ବର୍ଷା ଦିନେ ବଢ଼େ । କେତେକଙ୍କ ଠାରେ ତ୍ୱଚା ଓ କେଶ ସଂକ୍ରମଣ ହେଉଥିବାରୁ ଏ ବାବଦରେ ସେମାନେ ସତର୍କ ରହିବା ଜରୁରୀ ।

✦ ପ୍ରତିଦିନ ଗୋଲାପ ଜଳରେ ତ୍ୱଚଟାକୁ ପୋଛିବା ସହ ବେସନ-କଂଚା କ୍ଷୀର ପ୍ୟାକ୍ ଲଗାଇଲେ ତ୍ୱଚାରେ ବ୍ରଣ ସମସ୍ୟା ହୁଏ ନାହିଁ ।

✦ କମଳା ରସରେ ହଳଦୀ ଚିମୁଟାଏ ମିଶାଇ ମୁହଁ, ହାତ, ଗୋଡ଼ରେ ଲଗାଇ ଶୁଖିବା ପରେ ଧୋଇବେ ।

✦ କେଶ ଅଧିକ ଝଡ଼ିଲେ ଭୃସଙ୍ଗପତ୍ର ଫୁଟା ପାଣି ଥଣ୍ଡା କରି କେଶମୂଳରେ ମାଲିସ୍ କରିବେ । ନିୟମିତ ୧ ସପ୍ତାହ କଲେ ଫରକ୍ ଜାଣିପାରିବେ ।

✦ ଟମାଟୋ ରସରେ ବେସନ ଓ ଦହି ମିଶାଇ ଲଗାଇଲେ ମଧ୍ୟ ତ୍ୱଚା ସଂକ୍ରମଣ ହୋଇନଥାଏ ।

✶✶✶



ସପ୍ତାହରେ ଥରେ କିମ୍ବା ପନ୍ଦର ଦିନରେ ଥରେ ଫ୍ରୁଟ୍ ଫେସିଆଲ୍ କଲେ ବୟସର ଛାପକୁ ଏଡ଼ାଇ ହେବ । ବର୍ଷସାରା ମିଳୁଥିବା ସେଓରେ ଫ୍ରୁଟ୍ ଫେସିଆଲ୍ କରିପାରିବେ । ଏଥିରେ ରହିଥିବା ଭିଟାମିନ୍ ଏ, ବି, ସି ଏବଂ ଆ□ଅକ୍ସିଡା□ ତ୍ୱଚାକୁ କୋମଳ ରଖିବା ସହ ଉଜ୍ଜ୍ୱଳତା ଫେରାଇ ଆଣେ । କୌଣସି ବିଉଟିପାର୍ଲର ଯିବା ଅପେକ୍ଷା ଘରେ ମଧ୍ୟ ସେଓ ଫେସିଆଲ କରିପାରିବେ । ପ୍ରଥମେ ସେଓର ମାଂସାଳ ଅଂଶକୁ ଭଲଭାବେ କୋରି ଦିଅନ୍ତୁ । ଏହାକୁ ମୁହଁରେ ଲଗାଇ ହାଲୁକାଭାବେ ମାଲିସ୍ କରି ୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ଶୁଖିଗଲା ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏପରି କରିବା ଦ୍ୱାରା ତ୍ୱଚାରେ ବ୍ରଣ, ସନ୍‌ବର୍ନ, ରିଙ୍କଲ୍, ଆଖିର କଳାଦାଗ, ଡେଡ୍ ସେଲ୍ ଆଦି ଚାଲିଯାଏ ଏବଂ ମୁହଁ ଚିକ୍କଣ ଦିଶେ । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ । ତେଣୁ ସବୁ ପ୍ରକାର ସ୍କିନ୍ ପାଇଁ ସେଓରେ ଫେସିଆଲ କରିପାରିବେ ।

✶✶✶

## ରୋଷେଇ

# ବାଦାମ ପୁରି



*ସାମଗ୍ରୀ:* ଅଢ଼େଇ କପ୍ ମଇଦା, ଦେଢ଼ କପ୍ ବାଦାମ ବଟା, ୧/୪ କପ୍ ଚାଉଳ ଗୁଣ୍ଡ, ୧ କପ୍ ଚିନି, ୧୦୦ ମି.ଲି. କ୍ଷୀର, ୧ ଗ୍ରାମ ସାଫ୍ରନ୍, ୧ କପ୍ ତେଲ, ୧ କପ୍ ପାଣି, ୨୫ମି.ଲି. ଘିଅ ଓ ୧ ଚାମଚ ଅଳେଇଚ । *ପ୍ରସ୍ତୁତି:* ଚାଉଳ ଗୁଣ୍ଡ, ମଇଦା, ବାଦାମ ବଟା ଓ କ୍ଷୀରକୁ ମିଶାଇ ଭଲ ଭାବେ ଚକଟନ୍ତୁ । ମିଶ୍ରଣ ସମ୍ପୂର୍ଣ୍ଣ ହାତକୁ ନରମ ଲାଗିଲା ପର୍ଯ୍ୟନ୍ତ ଚକଟି ସାରି ଛୋଟ ଛୋଟ ଗୋଲା କରି ଦିଅନ୍ତୁ । ବ□ମାନ ଚିନି ସିରା ପାଇଁ କଡ଼େଇରେ ପାଣି ନେଇ ଗରମ କରି ସେଥିରେ ସାଫ୍ରନ, ଚିନି ଓ ଅଳେଇଚ ପକାନ୍ତୁ । ଚିନି ସିରା ହୋଇଗଲା ପରେ ଛୋଟ ଛୋଟ ଗୋଲାକୁ ଘିଅ ଦେଇ ପୁରି ଆକାରରେ ବେଲନ୍ତୁ । ଏବେ ତିନିଟା ପୁରିକୁ ଗୋଟେ ପରେ ଗୋଟେ ରଖି ଏକା ସାଙ୍ଗରେ ବେଲି ସୁନେଲି ରଙ୍ଗ ଦେଖାଯିବା ପର୍ଯ୍ୟନ୍ତ ତେଲରେ ଛାଣନ୍ତୁ । ଛାଣି ହୋଇସାରିବା ପରେ ଚିନି ସିରାରେ ପୁରିକୁ ପକାଇ ଦିଅନ୍ତୁ । ଦଶ ମିନିଟ୍ ପରେ ପୁରିକୁ ଚିନି ସିରାରୁ ବାହାର କରି ଖାଆନ୍ତୁ ।

# ସ୍ମାର୍ଟ ଶ୍ରୀମତୀ



➲ ଛୋଟ ପିଲାମାନଙ୍କ ଶ୍ୱାସ ସମ୍ବନ୍ଧିତ ନିମୋନିଆରେ ହେଙ୍ଗୁର ପ୍ରୟୋଗ କରାଯାଏ । ଛୋଟ ପିଲାମାନଙ୍କର ଅଣ୍ଟା ହାଡ଼ରେ ହେଙ୍ଗୁକୁ ପାଣିରେ ମିଶେଇ ମାଲିସ୍ କଲେ ପେଟ ବିନ୍ଧା ଭଲ ହୋଇଥାଏ ।

କଅଦାକୁ ଚା' ରେ ଫୁଟେଇ ପିଇଲେ ଅଣ୍ଡା ଦୂର ହୋଇଥାଏ

➲ ଚର୍ମ ରୋଗରେ ତୁଳସୀ ପତ୍ରକୁ ଲେମ୍ବୁ ରସ ସହିତ ମିଶାଇ ଲେପ ଦିଆଯାଇଥାଏ ।

➲ ବେଲପତ୍ରକୁ ଛେଚି ଖାଇଲେ ମଧୁମେହ ରୋଗ କମ୍ ହୋଇଥାଏ ।

➲ ନିମ ପତ୍ରର ରସ ପିଇଲେ ମଧୁମେହ ରୋଗ କମ୍ ହୋଇଥାଏ ।

➲ କଲରା ରସ ମଧୁମେହ ରୋଗ କମ୍ କରିବାର ଏକ ପରିଚିତ ଉପାୟ ।

ଏହି ସମସ୍ତ ଜିନିଷ ଘରେ ସହଜରେ ଉପଲବ୍ଧ ହୋଇଥାଏ ।

➲ ରସୁଣକୁ ସୋରିଷ ତେଲରେ ଫୁଟାଇ ପାଦରେ ଘଷିଲେ ଥଣ୍ଡା ହୋଇଥିଲେ ସେଥିରୁ ଆରମ ମିଳେ ।

➲ ଥଣ୍ଡା ହୋଇଥିଲେ ଗୋଲମରିଚକୁ ସିଝେଇ ସେହି ପାଣି ପିଇବା ଭଲ ।

➲ ତୁଳସୀ ସବୁଠୁ ପବିତ୍ର ଏବଂ ଆମ ଦେଶରେ ପୂଜା କରାଯାଏ । ତୁଳସୀ ପତ୍ରରେ କୀଟନାଶକ ଗୁଣ ରଥାଏ । ଏହାର ପତ୍ର ରସ ସହିତ ମହୁ ମିଶାଇ ପିଇଲେ କାଶ ଭଲ ହୋଇଥାଏ ।

➲ ଥକ୍କା ଲାଗୁଥିଲେ ଲୁଣକୁ ଗରମ ପାଣିରେ ମିଶାଇ ସ୍ନାନ କଲେ ଥକ୍କା ଦୂର ହୋଇଥାଏ ।

➲ ଦାନ୍ତ ବିନ୍ଧା ଦୂର କରିବା ପାଇଁ ଲବଙ୍ଗକୁ ଦାନ୍ତ ତଳେ ରଖିଲେ ବିନ୍ଧା ଦୂର ହୋଇଥାଏ ।

➲ ଲବଙ୍ଗକୁ ପେଶି ଗରମ କରି ମୁଣ୍ଡରେ ଲଗାଇଲେ ମୁଣ୍ଡବିନ୍ଧା ଦୂର ହୋଇଥାଏ ।

➲ ପାଚନ କ୍ରିୟାକୁ ସୁଧାରିବା ପାଇଁ ଅଦା, ଅଳେଇଚ ଏବଂ ଲବଙ୍ଗର ମିଶ୍ରଣର ପାଉଡର ପାଣିରେ ମିଶେଇ ଖାଇଲେ ପାଚନ ଠିକ୍ ହୋଇଥାଏ

+++

# ଓଡ଼ିଆ ଜାତୀୟ ଜାଗରଣରେ ନାରୀମାନଙ୍କ ଭୂମିକା

◆ ଡ଼ଃ. ଅରୁନ୍ଧତୀ ଦେବୀ

ସାରା ବିଶ୍ୱର ମହିଳାଙ୍କୁ ସମ୍ମାନ ଓ ଶ୍ରଦ୍ଧା ଦେବା ସହ ସେମାନଙ୍କର ରାଜନୀତିକ, ସାମାଜିକ ଏବଂ ଆର୍ଥିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ବାଇଗଣୀ ରିବନ୍ ଏହି ଦିନର ପ୍ରତୀକ । ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକାର ପାଇବା ପାଇଁ ବହୁ ଦିନରୁ ସଂଘର୍ଷରତ । ଇଉରୋପରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ମହିଳମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଗଣାଯାଉଥିଲେ । ସ୍ୱାଧୀନ ମତ ପୋଷଣ ବା ଭୋଟ ଦେବାର ଅଧିକାର ନଥିଲା । ଏପରିକି ଗ୍ରେଟ୍ ବ୍ରିଟେନ୍ ଭଳି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ଶିକ୍ଷା ଅନେକଟା ସୀମିତ ଥିଲା । ୧୭୯୨ରେ ମେରି ଉଲ୍‌ଷ୍ଟୋନକ୍ରାଫ୍‌ଟ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ପ୍ରସଙ୍ଗରେ ଲେଖିଥିଲେ 'ଏ ଭିଣ୍ଡିକେସନ୍ ଅଫ୍ ଦ ରାଇଟ୍‌ସ ଅଫ୍ ୱିମେନ୍' । ବହିଟି ସମଗ୍ର ଇଉରୋପରେ ଚହଳ ପକାଇଥିଲା ଏବଂ ସମସ୍ତଙ୍କୁ ଏହି ଦିଗରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଥିଲା । ତାହା ପରେ ପୁରୁଷଙ୍କ ସହ ସମାନ ଅଧିକାର ପାଇବା ପାଇଁ ଇଉରୋପ୍‌ର ବିଭିନ୍ନ ଅଂଚଳର ମହିଳାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ଜାତିସଂଘର ଅନୁମୋଦନ କ୍ରମେ ୧୯୯୬ରୁ ଏହା ବିଷୟ ଭିତିକ ଭାବେ ପାଳିତ ହେଉଛି ।

"ଜଗତରେ କିଛି ବଡ଼ କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ଛାଡ଼ିବାକୁ ହେବ । ପୁରୁଷ କେବେହେଲେ ନାରୀକୁ ନିଜର ଖେଳକଣ୍ଢେଇ କରି ରଖିପାରିବ ନାହିଁ । ମୁଁ ଯଦି ଜଣେ ସ୍ତ୍ରୀ ହୋଇଥାନ୍ତି, ନିଶ୍ଚୟ ଏହା ବିରୁଦ୍ଧରେ ବିଦ୍ରୋହ କରନ୍ତି । ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ । ଏ ସବୁ ଗହଣାଗାଣ୍ଠି ଆଦର ଛାଡ଼ି ଦିଅନ୍ତୁ । ଅନ୍ତରର ସୁଗନ୍ଧି ସବୁଠାରୁ ବେଶୀ ବାସ ଚହଟାଇ ପାରିବ ଏବଂ ତାହାରି ଦ୍ୱାରା ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବଜାତିକୁ ବଶ କରିପାରିବେ ।" କେବଳ ମହିଳାମାନଙ୍କୁ ଜାତୀୟତାର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ଲାଗି ତଥା ସାମାଜିକ ଜନଆନ୍ଦୋଳରେ ନାରୀ ଜାଗରଣର ଭୂମିକାକୁ ନିଶ୍ଚିତ କରିବା ପାଇଁ ଜାତିର ପିତା ମହାତ୍ମାଗାନ୍ଧୀ ୧୯୨୧ ମସିହାରେ କଟକ ବିନୋଦବିହାରୀ ମନ୍ଦିର ହତାରେ ଯେଉଁ ମହିଳା ସଭାରେ ଏହି ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ, ତାହା ୧୯୨୧ ମାର୍ଚ୍ଚ ୨୮ ତାରିଖ ସମାଜରେ ପ୍ରକାଶ ପାଇଥିଲା । ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମଠାରୁ ସାମ୍ପ୍ରତିକ ସମାଜର ମାନବୀୟ ମୂଲ୍ୟବୋଧ ଗଠନରେ ନାରୀ ଜାତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । କେବଳ ସଂସାର ଗଠନରେ ନୁହେଁ, ବା ତେଲଲୁଣର ସଂସାରଭିତରେ ନିଜ ଭୂମିକାର ଚୌହଦୀଠାରୁ ଯଥେଷ୍ଟ ଦୂରରେ ସମଗ୍ର ନାରୀଜାତିର ଭୂମିକା ଯେ କେହି ସ୍ୱୀକାର କରିବ । ସମାଜକୁ ଭ୍ରାନ୍ତି, ଲୋଭ, ଦୁର୍ନୀତି, ସୁବିଧାବାଦିତା, ଈର୍ଷା, ହିଂସାର ଦାବାନଳରୁ ଉଦ୍ଧାର କରି ବାସ୍ତବ ଶାନ୍ତି, ସ୍ନେହ, ଆନନ୍ଦ, ମଙ୍ଗଳ ଓ ଭଲପାଇବାର ସନ୍ଧାନ ଦେବା ପାଇଁ ପୂଜ୍ୟ ଶ୍ରୀ କୁମାର ଭାଇ ୧୯୬୨ ମସିହାରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଗଠନ କରିଥିଲେ । ପରବର୍ତ୍ତୀ ସମୟରେ ୧୯୮୫ ମସିହାରେ ନାରୀଶକ୍ତି ଓ ନାରୀ ପ୍ରତିଭାର ଶ୍ରେଷ୍ଠ ମଙ୍ଗଳମୟ ବିକାଶ ତଥା ବିନିଯୋଗ କରାଇ ସମଗ୍ର ସମାଜକୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସାର ବାର୍ତ୍ତା ଦେଇ ଏକ ମଙ୍ଗଳମୟ ସମାଜ ଗଢ଼ି ତୋଳିବା ଲକ୍ଷ୍ୟରେ ୧୯୮୫ ମସିହାରେ ମଙ୍ଗଳମୟୀ ପତ୍ରିକା ପ୍ରକାଶନ ସହ ଲେଖିକା, ସଂଗଠିକା, ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ କରାଇଥିଲେ । କେବଳ ଶସ୍ତା ସ୍ଲୋଗାନ୍ ଓ ସୁକର୍ମବିହୀନ ଆନ୍ଦୋଳନରେ ଅଯଥା ନିଜକୁ ନିୟୋଜିତ ନ କରି ସମାଜର ସର୍ବାଦୌ ସେବାଭିମୁଖୀ ଯୋଜନା ହାତକୁ ନେଇ ଏକ ମଙ୍ଗଳମୟ ପ୍ରେମପୂର୍ଣ୍ଣ ସମାଜ ଗଠନ ପାଇଁ ସେ ଆତ୍ମୋତ୍ସର୍ଗ କରିଥିଲେ । ତାଙ୍କ ମତରେ ସୁଶିକ୍ଷା ଲାଭ ଦ୍ୱାରା ଆତ୍ମସମୀକ୍ଷା ଓ ଆତ୍ମଶୁଦ୍ଧି ସମ୍ଭବ ହୋଇଥାଏ । ସମାଜରେ ନାରୀ ଜାଗରଣର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ମନେକରି ଲେଖିକା, ସଂଗଠିକା, ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ସୁସଂସ୍କୃତ, ଶୃଙ୍ଖଳିତ, ସଂଯତ, ସତ୍, ସ୍ନେହ-ଶାନ୍ତିଭରା ସମାଜ ଗଢ଼ି ତୋଳିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ତାଙ୍କର ଅନୁଚିନ୍ତନ ଥିଲା ମାତୃଜାତି ତଥା ନାରୀ ସମାଜ ଭ୍ରାନ୍ତି, ଦୁର୍ନୀତି, ହିଂସା ଓ ଧ୍ୱଂସର ନିଆଁରୁ ମାନବ ସମାଜକୁ ରକ୍ଷା କରିବାର ମହାଶକ୍ତି ହୁଅନ୍ତୁ । ଆଜି ସୁନିତା ୱିଲିଅମ୍‌ସ୍‌ଙ୍କଠାରୁ କଳ୍ପନା ଦାସ, ଚିରବନ୍ଦନୀୟା ଇନ୍ଦିରା ଗାନ୍ଧୀଙ୍କ ଠାରୁ ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା ସମସ୍ତଙ୍କ ତ୍ୟାଗପୂତ ଓ ସମର୍ପିତ ଜୀବନ ଏ ସମାଜ ପାଇଁ ଯେଉଁ ଭୂମିକା ରଖିଛି, ତାହାରି ଆହ୍ୱାନ ନାରୀ ଜାଗରଣର ମୁଖ୍ୟ ଆଦର୍ଶ ହେଉ । ସାମାଜିକ ପ୍ରଗତିରେ ନାରୀମାନଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ପଂମାନବୀୟ ମୂଲ୍ୟବୋଧସମ୍ପନ୍ନ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ମହନୀୟ ବାର୍ତ୍ତାର ଅନୁଶୀଳନ କରୁ । ଯଥାର୍ଥରେ ପୂଜ୍ୟ ଶ୍ରୀ କୁମାର ଭାଇ ବି କହିଥିଲେ ଏ ଦୁନିଆରେ ଗୋଟିଏ ହିଁ ଜାତି ଅଛି, ତାହା ମଣିଷ ଜାତି । ଗୋଟିଏ ହିଁ ଧର୍ମ ଅଛି, ତାହା ମାନବ ଧର୍ମ ଏବଂ ଜଣେ ହିଁ ଈଶ୍ୱର ଅଛନ୍ତି, ଯିଏ ସର୍ବବିଦ୍ୟମାନ । ସବୁ ଧର୍ମରେ ପ୍ରେମର ବାର୍ତ୍ତାକୁ ଅନୁଶୀଳନ କରୁଥିବା ଏହି ମଣିଷ ଜାତି ଆତଙ୍କବାଦ ହେଉ ବା ଜାତୀୟ ବିରୋଧୀ ନୀତି ହେଉ, ଏହି କାର୍ଯ୍ୟରେ ନିଜକୁ ନିୟୋଜିତ ରଖୁଥିବା ବେଳେ ନିଜ ହୃଦୟ କନ୍ଦରର ବିବେକର ଆହ୍ୱାନକୁ ଟିକିଏ ଶୁଣୁ । କାରଣ ସିଏ ବି ଜଣେ ଈଶ୍ୱରଙ୍କ ସନ୍ତାନ ଆଉ ଯାହାର କ୍ଷତି କରୁଛି ବା ଯାହା ରକ୍ତରେ ହୋଲି ଖେଳୁଛି, ସିଏ ବି ଜଣେ ତାହାରି ଭାଇ । ଧର୍ମ ନାମରେ ଆଉ କେତେ ଦିନ ଏହି ହିଂସାର ରକ୍ତପାତ ଚାଲିଥିବ ? କ'ଣ ଜଣେ ଭାଇ ତା ଭାଇର ରକ୍ତ ଚାହୁଁଛି ? ଦେବୀ ଦୁର୍ଗା ଯେଉଁପରି ଦୁଷ୍ଟ ଶକ୍ତିର ନିଧନ କରିଥିଲେ ସେହିପରି ଏ ସମାଜର ମାତୃଜାତି ନାରୀଜାତି, ଷଡ଼ରିପୁ ସମ୍ପନ୍ନ ଦୁଷ୍ଟ ବୁଦ୍ଧି ଓ ଦୁଷ୍ଟ ଚିନ୍ତାର ନିଧନ କରି ନାରୀ ଜାଗରଣର ମହନୀୟ ଭୂମିକା ନିର୍ବାହ କଲେ ଏ ଜଗତର ମଙ୍ଗଳ ହେବ, ନାରୀ ଜାତି ବି ଧନ୍ୟ ହେବ ।

*ସମ୍ପାଦିକା ଓ ନିର୍ଦ୍ଦେଶିକା,*
*ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*











# ଆଳତୀ ସମୟରେ ସ୍ତୁତି ଗାନ



ଦେବାଦେବୀଙ୍କୁ ଭକ୍ତିରେ ପ୍ରସନ୍ନ କରିବା ପାଇଁ ଅନେକ ପ୍ରକାର ଉପାୟ ରହିଛି । ସେଥିମଧ୍ୟରୁ ଦେବାଦେବୀଙ୍କୁ ଆଳତୀ କରି ପ୍ରସନ୍ନ କରିବା ହେଉଛି ଅନ୍ୟତମ । ଆଳତୀ କରିବା ସମୟରେ ଦେବାଦେବୀଙ୍କ ସ୍ତୁତି କରିବା ଉଚିତ୍ । ତେବେ ଏହି ସ୍ତୁତିକୁ ଅତି ମଧୁର କଣ୍ଠରେ ଗାନ କରିବା ଆହୁରି ମହତ୍ୱପୂର୍ଣ୍ଣ ଅଟେ । ମଧୁର କଣ୍ଠରେ ସ୍ୱରକରି ଆଳତୀ ଗାନର କେବଳ ଯେ ଧାର୍ମିକ କାରଣ ରହିଛି ତାହା ନୁହେଁ, ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି ।

ଆଳତୀ କରିବା ସମୟରେ ମଧୁର କଣ୍ଠରେ ଦେବାଦେବୀଙ୍କ ସ୍ତୁତି କରିବା ଦ୍ୱାରା ଭଗବାନ ଶୀଘ୍ର ପସନ୍ନ ହୋଇଥାନ୍ତି ବୋଲି ଧାର୍ମିକ ଦୃଷ୍ଟିରେ କୁହାଯାଇଛି । ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ବି ସଙ୍ଗୀତ ହେଉଛି ମନକୁ ଆନନ୍ଦ ପ୍ରଦାନ କରୁଥିବା ଏକ ମାଧ୍ୟମ । ଆହୁରି ମଧ୍ୟ ପୂର୍ବରୁ ରହିଆସିଛି ଯେ, ଆଳତୀ ସମୟରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର(ଘଂଟ, ଢ଼ୋଲ, ମୃଦଙ୍ଗ, କାହାଳୀ, ବଇଁଶି ଏହିପରି ଅନେକ) ବଜାଇ ସ୍ୱରକରି ସ୍ତୁତି ଗାନ କଲେ ତାହା ଶୀଘ୍ର ଦେବାଦେବୀଙ୍କ ନିକଟରେ ପହଂଚିପାରିଥାଏ ।

ପ୍ରତିଦିନ ତେଣୁ ସକାଳ ସମୟରେ ସୁରତାଳ ସହିତ ଭଗବାନଙ୍କ ଆଳତୀ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ । ଉଚିତ୍ ଭାବେ ଗାଇଲେ ପୂରା ଶରୀର ପ୍ରଭାବିତ ହୁଏ । ଶରୀରକୁ ଶକ୍ତି ମିଳେ । କଣ୍ଠ ମଧ୍ୟ ସଫା ଏବଂ ସୁରିଲା ହୁଏ । ଏହାକୁ ଏକ ପ୍ରକାର ଯୋଗ ମଧ୍ୟ କୁହାଯାଇପାରେ । ଗଳା ସମ୍ପର୍କୀତ କୌଣସି ରୋଗ ହୁଏ ନାହିଁ । ତେଣୁ ଯେତେବେଳେ ଆଳତୀ କରୁଛନ୍ତି ଚେଷ୍ଟା କରନ୍ତୁ ଉଚିତ୍ ସୁରତାଳରେ ଲହରାଇ ଗାଇବାକୁ । ତେବେ ଠାକୁର ଶୀଘ୍ର ପ୍ରସନ୍ନ ହେବା ସହିତ ଆପଣଙ୍କ ସ୍ୱାସ୍ଥ୍ୟ ବି ଭଲ ରହିପାରିବ ।

# ପୁତ୍ରସନ୍ତାନ ପ୍ରାପ୍ତି ନିମନ୍ତେ ଏହି ମନ୍ଦିରରେ ପ୍ରଥମେ କରିବାକୁ ପଡ଼ିଥାଏ ଚୋରି, ପରେ ପୂର୍ଣ୍ଣ ହୁଏ ମନୋସ୍କାମନା

ଭାରତବର୍ଷରେ ଏମିତି ଅନେକ ଶକ୍ତିପୀଠ ରହିଛି ଯେଉଁଠାରେ ଭିନ୍ନ ଭିନ୍ନ କିମ୍ବଦନ୍ତୀ ରହିଛି । ସେହିଭଳି ଏକ ମନ୍ଦିର ହେଉଛି ଉ□ରାଖଣ୍ଡର ଚୁଡ଼ିୟାଲା ଗାଁରେ ଥିବା ସିଦ୍ଧପୀଠ ଚୂଡ଼ାମଣି ଦେବୀଙ୍କ ମନ୍ଦିର । ଏହା ଏକ ଏଭଳି ମନ୍ଦିର ଯାହାର କିମ୍ବଦନ୍ତୀ ଶୁଣିଲେ ଆପଣଙ୍କ ଆଶ୍ଚର୍ଯ୍ୟର ସୀମା ରହିବ ନାହିଁ । ଏହି ମନ୍ଦିରରେ ଥିବା ପରମ୍ପରା ନୈତିକ ଶିକ୍ଷାକୁ କୁଠାରଘାତ କରୁଥିବା କୁହାଯାଏ । ଏହି ଧାର୍ମିକ ସ୍ଥାନରେ ନିଜ ମନୋସ୍କାମନା ପୂର୍ଣ୍ଣ କରିବାକୁ ଲୋକଙ୍କୁ ଚୋରି କରିବାକୁ ପଡ଼ିଥାଏ । ପିଲାଙ୍କୁ ଛୋଟ ବେଳୁ ଚୋରି କରିବା ଭୁଲ କୁହାଯାଉଥିବା ବେଳେ ଉତରାଖଣ୍ଡର ଏହି ମନ୍ଦିରରେ ଦେବୀଙ୍କ ଆଶୀର୍ବାଦ ପାଇଁ ଚୋରି କରିବାକୁ କୁହାଯାଏ ।

ଗ୍ରାମବାସୀଙ୍କ କହିବାନୁସାରେ, ୧୮୦୫ ମସିହାରେ ଲଣ୍ଡୌରା ରାଜବଂଶର ରାଜା ଏହି ମନ୍ଦିର ନିର୍ମାଣ କରିଥିଲେ । କୁହାଯାଏ ଯେ, ରାଜା ଏକଦା ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ । ସେଠାରେ ସେ ମା'ଙ୍କ ପିଣ୍ଡିକୁ ଦର୍ଶନ






କରିଥିଲେ । ରାଜାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ମା'ଙ୍କ ପାଖରେ ପୁଅ ପାଇଁ ମାନସିକ କରିଥିଲେ । ରାଜାଙ୍କ ମାନସିକ ପୂରଣ ହେବା ପରେ ରାଜା ଏଠାରେ ମନ୍ଦିର ନିର୍ମାଣ କରିଥିଲେ । ସେବେଠାରୁ ମନୋସ୍କାମନା ପୂର୍ଣ୍ଣ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଧାଇଁ ଆସିଥାନ୍ତି ।

ମାନ୍ୟତା ରହିଛି ଯେ, ପୁତ୍ର ସନ୍ତାନ ଚାହୁଁଥିବା ବ୍ୟକ୍ତି ଏହି ମନ୍ଦିରକୁ ଆସି ମା'ଙ୍କ ପାଦ ତଳେ ଥିବା ଲୋକଡ଼ାକୁ ଚୋରି କରି ଯଦି ନିଜ ସାଙ୍ଗରେ ନେଇଯାଆନ୍ତି ତେବେ ତାଙ୍କ ଘରେ ପୁଅ ଜନ୍ମ ହୁଏ । ସୂଚନାଯୋଗ୍ୟ ଯେ ଲୋକଡ଼ା ହେଉଛି କାଠରେ ତିଆରି ଏକ କଣ୍ଢେଇ । ପୁଅ ଜନ୍ମ ପରେ ପୁଣି ଥରେ ବ୍ୟକ୍ତିଙ୍କୁ ମା'ଙ୍କ ଦର୍ଶନ ଆସିବାକୁ ପଡ଼ିଥାଏ ।

# ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦିଏ ସପୁରି

ସପୁରି ସ୍ୱାସ୍ଥ୍ୟ ଉପକାରୀ ଗୁଣରେ ଭରପୂର । ଏଥିରେ ପୋଷକ ତତ୍ୱ ସହ ଆଡି ଅକ୍ସିଡା□ର ଗୁଣ ମଧ୍ୟ ରହିଥାଏ । ଏକ ଗ୍ଲାସ ସପୁରି ରସରୁ ୧.୭ ଗ୍ରାମ ପ୍ରୋଟିନ୍, ୨.୩ ଗ୍ରାମ ଫାଇବର ଏଥିସହ ଭିଟାମିନ୍ ସି ଓ ବି-୬ ମିଳିଥାଏ । ତେବେ ଜାଣନ୍ତୁ କିପରି ଭାବେ ସପୁରି ସ୍ୱାସ୍ଥ୍ୟ



ଉପକାରୀ ହୋଇଥାଏ । ବିଷାଦ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଏହା ମୁକ୍ତି ଦେଇଥାଏ ।

-ଯଦି ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ, ତେବେ ସପୁରି ଜୁସ୍ ପିଇଲେ ପ୍ରତିରୋଧକାରୀ ଶକ୍ତି ବଢ଼ିଥାଏ ।

-ଏଥିରେ ଭିଟାମିନ୍ ସି' ଭରପୂର ମାତ୍ରାରେ ରହୁଥିବାରୁ ପାଚନକ୍ରିୟାକୁ ସକ୍ରିୟ କରିଥାଏ । ଏହାର ଜୁସ୍ ପିଇବା ଫଳରେ ରକ୍ତହୀନତା ସମସ୍ୟାରୁ ମୁକ୍ତି ମିଳିଥାଏ । ଏହାକୁ ଆପଣ କାଟି ମଧ୍ୟ ଖାଇପାରିବେ ।

-ଏହାକୁ ଖାଇବାର ଅନେକ ସମୟ ପର୍ଯ୍ୟନ୍ତ ଭୋକ ହୋଇ ନ ଥାଏ । ଫଳରେ ଓଜନ ସନ୍ତୁଳିତ ରହିଥାଏ । ଏଥିରେ ମାଙ୍ଗାନିଜ୍ ଗୁଣ ରହିଥିବାରୁ ଏହା ବିଭିନ୍ନ ହାଡ଼ଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ ।

-ଆଧୁନିକ ଜୀବନଶୈଳୀ କାରଣରୁ ଅନେକ ସମୟରେ ବ୍ୟକ୍ତି ବିଷାଦ ମଧ୍ୟକୁ ଚାଲିଯାଇଥାଏ । ସପୁରି ଜୁସ୍ ପିଇବା ଫଳରେ ଏଥିରୁ ମୁକ୍ତି ମିଳିଥାଏ । ଏଥିରେ ଥିବା ଆ□ ଅକ୍ସିଡା□ ଗୁଣ କ୍ୟାନ୍ସରରୁ ମୁକ୍ତି ଦେଇଥାଏ ।

# କିଡ୍‌ନୀ ଷ୍ଟୋନର ଘରୋଇ ଉପଚାର

ଅଁଳା:

ଅଁଳା ମଧ୍ୟ କିଡ୍‌ନୀ ଷ୍ଟୋନରୁ ମୁକ୍ତି ଦେଇଥାଏ । ପ୍ରତିଦିନ ଏକ ଚାମଚ ଅଁଳା ଗୁଣ୍ଡ ଖାଇବା ଫଳରେ ଏଥିରୁ ମୁକ୍ତି ମିଳିଥାଏ ।

ଓଲିଭ୍ ଅଏଲ୍ ଓ ଲେମନ୍ ଜୁସ୍:

ଯଦି ଆପଣଙ୍କ କିଡ୍‌ନୀରେ ଷ୍ଟୋନ ସମସ୍ୟା ରହିଛି ଏବଂ ବିନା ଅସ୍ତ୍ରୋପଚାରରେ ଆପଣ ଏଥିରୁ ମୁକ୍ତିପାଇବାକୁ ଚାହୁଁଛନ୍ତି ତେବେ ଆପଣ ଓଲିଭ୍ ଅଏଲ୍‌ରେ ଲେମ୍ବୁରସ ମିଶାଇ ପିଇବା ଫଳରେ ଏହି ସମସ୍ୟା ଦୂର ହୋଇଥାଏ । ଲେମ୍ବୁରସ ଷ୍ଟୋନ୍‌କୁ ଭାଙ୍ଗିବାରେ ସାହାଯ୍ୟ କଲାବେଳେ ଓଲିଭ୍ ଅଏଲ୍ ଏହାକୁ ବାହାରକୁ କାଢ଼ିବାରେ ସହାୟକ ହୋଇଥାଏ ।



# ଶେଷାବତାର ବଳରାମ

ଭଗବାନ ବଳରାମ ସ୍ୱୟଂ ଶେଷନାଗଙ୍କ ଅବତାର । ଭଗବାନ ବିଷ୍ଣୁଙ୍କ ସେବାରେ ସେ ସର୍ବଦା ଉପସ୍ଥିତ । ତ୍ରେତୟାରେ ସେ ଶ୍ରୀରାମଙ୍କ କନିଷ୍ଠ ଭ୍ରାତା ଲକ୍ଷ୍ମଣ ଭାବରେ ଅବତାର ନେଇଥିଲେ । ଦ୍ୱାପରରେ ବଳରାମ ମାତା ରୋହିଣୀଙ୍କ ଗର୍ଭରୁ ଜାତ ହୋଇଥିଲେ । ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜାତ ଶ୍ରୀକୃଷ୍ଣ ଅତ୍ୟାଚାରୀ କଂସର ବଧ କରିବେ ବୋଲି ଆକାଶବାଣୀ ହୋଇଥିଲା । ଏହାଜାଣି କଂସ ନିଜ ଭଉଣୀ ଦେବକୀଙ୍କ ଗର୍ଭରୁ ଜାତ ୬ଜଣ ସନ୍ତାନଙ୍କୁ କଂସ ବଧ କଲା । କିନ୍ତୁ ଦେବକୀଙ୍କ ସପ୍ତମ ଗର୍ଭ ନଷ୍ଟ ହୋଇଗଲା ବୋଲି ମଥୁରାବାସୀ ଜାଣିଲେ । ବାସ୍ତବରେ ଦେବୀ ଯୋଗମାୟା ଦେବକୀଙ୍କ ଗର୍ଭରୁ ସନ୍ତାନକୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରିଥିଲେ । ଦେବକୀ ମଥୁରାରେ ଥିଲେ



ଏବଂ ରୋହିଣୀ ଗୋପପୁରରେ । ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣିଥିବାରୁ ସେହି ସନ୍ତାନ ସଂକର୍ଷଣ ନାମରେ ବିଖ୍ୟାତ ହେଲେ । ଯେପରି କାଠରୁ ଅଗ୍ନି ଏବଂ ସମୁଦ୍ର ଗର୍ଭରୁ ଚନ୍ଦ୍ରମା ଉଦିତ ହୋଇଥାଏ, ସେହିପରି ଭଗବାନ ବଳରାମ ପ୍ରକଟ ହେଲେ । ଚନ୍ଦ୍ର ସର୍ବଦା ଉପସ୍ଥିତ ରହିଥାନ୍ତି, କିନ୍ତୁ ସମୁଦ୍ର କୂଳରେ ଥାଇ ଦେଖୁଥିବା ବ୍ୟକ୍ତି ଏହି ଭ୍ରମରେ ଥାଏ ଯେ ଚନ୍ଦ୍ରମା ସାଗରର ଗର୍ଭରୁ ବାହାରୁଛି । ଠିକ୍ ସେହିପରି ଭଗବାନ ଯେତେବେଳେ ପ୍ରକଟ ହୁଅନ୍ତି, ଦେଖିବା ଲୋକ ଭାବେ ଯେ ସେ ଗର୍ଭରୁ ପ୍ରକଟ ହେଉଛନ୍ତି । ଜନ୍ମ ସମୟରେ ବଳରାମ ଭଗବାନଙ୍କ ଅଙ୍ଗକାନ୍ତିରେ ସାରା ଅ*ଳରେ ଆଲୋକ ଖେଳିଯାଇଥିଲା । ଶ୍ରୀନନ୍ଦରାଜା ଶିଶୁର କର୍ମ ସଂସ୍କାର କରି ବ୍ରାହ୍ମଣଙ୍କୁ ଦଶ ଲକ୍ଷ ଗାଈ ଦାନ କରିଥିଲେ । ଗୋପବାସୀଙ୍କୁ ଡାକି ମହାମଙ୍ଗଳମୟ ଉତ୍ସବ ପାଳନ କରିଥିଲେ । ବଳରାମଙ୍କ ଜନ୍ମ ଦେଇଥିବା କାରଣରୁ ମାତା ରୋହିଣୀଙ୍କ ଗର୍ଭରୁ ୫ ଦିନ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ ବାହାରୁଥିଲା । ଦେବଳ, ଦେବରାତ, ବଶିଷ୍ଠ, ବୃହସ୍ପତି, ନାରଦ, ଶ୍ରୀବେଦବ୍ୟାସ ଆଦି ଅନେକ ଋଷି ଶିଶୁ ରୂପରେ ଭଗବାନ ବଳରାମଙ୍କ ଦର୍ଶନ ନିମନ୍ତେ ଆସିଥିଲେ । ସେମାନେ ତାଙ୍କ ଦିବ୍ୟ ଆଭା ଦେଖି ବଳରାମଙ୍କ ସ୍ତୁତି କରିଥିଲେ । ଶ୍ରୀବେଦବ୍ୟାସ କହିଲେ, ଆପଣ ଦେବଗଣଙ୍କ ଅଧିପତି ଏବଂ କାମପାଳ । ଆପଣ ସାକ୍ଷାତ ଅନନ୍ତ, ବଳରାମ । ଆପଣ ଧରଣୀଧର, ପୂର୍ଣ୍ଣସ୍ୱରୂପ, ସ୍ୱୟଂପ୍ରକାଶ ଶଙ୍କର୍ଷଣ । ହେ ରେବତୀରମଣ, ଆପଣ ବଳଦେବ ଏବଂ ଆପଣ ହିଁ ଶ୍ରୀକୃଷ୍ଣଙ୍କ ଅଗ୍ରଜ । ଆପଣ ବଳ, ବଳଭଦ୍ର ତଥା ତାଳ ଚିହ୍ନ ଯୁକ୍ତ ଧ୍ୱଜା ଧାରଣକାରୀ । ଆପଣ ନୀଳବସ୍ତ୍ରଧାରୀ, ଗୌରବର୍ଣ୍ଣ ଏବଂ ରୋହିଣୀନନ୍ଦନ । ଆପଣଙ୍କର ଜୟ ହେଉ । ଏହିପରି ବଳରାମଙ୍କ ସ୍ତୁତି କରି ସମସ୍ତ ଋଷିଗଣ ଗୋପପୁରରୁ ଫେରିଥିଲେ ।

# ଏହି ସ୍ଥାନରେ ଶେଷଥର ପାଇଁ ତପସ୍ୟା କରିଥିଲେ ଲକ୍ଷ୍ମଣ, କଣ ରହିଛି ଏହାର ମହତ୍ୱ

ଋକ୍ ବେଦରେ ଉ□ାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି । ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି । କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋ□ମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତରାଖଣ୍ଡ ସହ ସଂଯୋଗ ରହିଥିଲା । ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉ□ରାଖଣ୍ଡରେ କରିଥିଲେ । ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତରାଖଣ୍ଡର ଗଢୱାଲରେ କରିଥିଲେ । ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢୱାଲର ତପୋବନରେ କରିଥିଲେ । ଯଦି ଆପଣ କେବେ ଉତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷ ।ରେ ନିଶ୍ଚିନ୍ତ



ଶୁଣିଥିବେ । ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ ।

ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ । ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ । ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ । ଏଠାରେ ପର୍ବତାରୋହଣ ପାଇଁ କ୍ୟାମ୍ପିଂଗ କରାଯାଇଥାଏ । ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ । ପର୍ଯ୍ୟଟକମାନେ ଏଠାରେ ସାତୋପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି । ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢିବାକୁ ପସନ୍ଦ କରିଥାନ୍ତି । ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ ।



# ଅନେକ ରୋଗରୁ ମୁକ୍ତି ଦିଏ ନଡ଼ିଆ ତେଲ

ନଡ଼ିଆ ଖାଇବାକୁ ଯେତିକି ଭଲ ଲାଗିଥାଏ ତା'ର ତେଲ ମଧ୍ୟ ସେତିକି ସ୍ୱାସ୍ଥ୍ୟ ଉପକାରୀ । ଏହାକୁ ନିୟମିତ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରିବା ଫଳରେ ହାର୍ଟଠାରୁ ଆରମ୍ଭ କରି ପାଚନ ତନ୍ତ୍ରରେ କୌଣସି ସମସ୍ୟା ହୋଇ ନ ଥାଏ । ତେବେ ଜାଣନ୍ତୁ ନଡ଼ିଆ ତେଲର ଉପକାରୀ ଗୁଣ ସମ୍ପର୍କରେ ।

-ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫଳରେ ମେଟାବୋଲିଜମ୍ ବଢ଼ିଥାଏ ।

-ଏଥିରେ ପ୍ରସ୍ତୁତ ଖାଦ୍ୟ ଖାଇବା ଫଳରେ ପାଚନତନ୍ତ୍ର ମଜଭୁତ ହୋଇଥାଏ । ପେଟ ସମସ୍ୟା ଜନିତ ରୋଗରୁ ମୁକ୍ତି ମିଳିଥାଏ ।

-ନଡ଼ିଆ ତେଲ ବ୍ୟବହାର ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ି କୌଣସି ସଂକ୍ରମଣ ହୋଇ ନ ଥାଏ ।

-ଏହାକୁ ଡାଏଟ୍‌ରେ ସାମିଲ କରିବା ଫଳରେ ହାର୍ଟ ସମସ୍ୟା ଦୂର ହୋଇଥାଏ ।

# ଆଜ୍‌ମାରୁ ଦୂରେଇ ରହିବେ କିପରି

ଶୀତଦିନେ ପରିବେଶ ଥଣ୍ଡା ରହିବା ଯୋଗୁ କେତେକଙ୍କଠାରେ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ । ଏହାକୁ ଚିକିତ୍ସକମାନେ ଆଜ୍‌ମା ସମସ୍ୟା ବୋଲି କହିଥାନ୍ତି । ଏଥିପାଇଁ ଔଷଧ ଖାଇବାକୁ ଚିକିତ୍ସକ ପରାମର୍ଶ ଦେଇଥାନ୍ତି । ତେବେ ସଜନା ଛୁଇଁ ଖାଇଲେ ଏହି ସମସ୍ୟାରୁ ସହଜରେ ମୁକ୍ତି ମିଳିଥାଏ । ସଜନା ଛୁଇଁରେ ପ୍ରଚୁର ମାତ୍ରାରେ ଭିଟାମିନ୍ ଏବଂ ପ୍ରୋଟିନ୍ ରହିଛି । ଏଥିରେ ଭିଟାମିନ୍ ସି ଥିବାରୁ ଏହା ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା କରିବା ସହିତ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରିଥାଏ । ଏଥିରେ ପ୍ରଚୁର ପରିମାଣରେ ଖଣିଜ, ଲୌହ, ଭିଟାମିନ୍-ବି-୬, ଫୋଲିକ୍ ଏସିଡ୍ ଆଦି ତ□ ରହିଛି । ଏହା ପାଚନଶକ୍ତି ବଢାଇବାରେ



ସହାୟକ ହୋଇଥାଏ । ଏହାକୁ ତରକାରୀ କରି ଅବା ଭାଜି ଖାଇଲେ ସୁଫଳ ମିଳିଥାଏ । ତେବେ ଏକ ପାତ୍ରରେ ପାଣିନେଇ ସେଥିରେ ସଜନା ଛୁଇଁ ପକାଇ ଏହାର ବାଷ୍ପ ଆଘ୍ରାଣ କଲେ ଆରାମ ମିଳେ । ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧୀ ସାବ୍ୟସ୍ତ ହୋଇଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି ।

# ତିନିଦିନ ହେଲା ନିଖୋଜ ଚାଷୀ: ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ ଓ ଜିଲ୍ଲାପାଳ



ଧାମନଗର(ନିପ୍ର): ଧାମନଗର ରେ ଦ୍ୱିତୀୟ ବନ୍ୟା କ୍ଷତିରୁ ଲୋକେ ସମ୍ପୂର୍ଣ୍ଣ ଭାବେ ମୁକୁଳି ନଥିବାବେଳେ ପୁନର୍ବାର ତୃତୀୟ ବନ୍ୟା ଧାମନଗର ବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବୈତରଣୀ ନଦୀରେ ପୁଣିଥରେ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଅଂଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଗତ ୧୪ ତାରିଖରେ ପ୍ରବେଶ କରିଥିବା ଦ୍ୱିତୀୟ ବନ୍ୟା ଜଳରେ ବିଭିନ୍ନ ଚାଷଜମି ଓ ରାସ୍ତାଘାଟ ଜଳମଗ୍ନ ହୋଇଥିବାବେଳେ, ଏହି ତୃତୀୟ ବନ୍ୟା ଲୋକଙ୍କ ଜୀବନ ଜୀବିକାକୁ ଅଧିକ ଅସ୍ତବ୍ୟସ୍ତ କରି ପକାଇଛି ।୧୪ ତାରିଖ ରେ ଦ୍ୱିତୀୟ ବନ୍ୟା ସମୟରେ ପାହାଡ଼ପୁର ଗ୍ରାମର ଚାଷୀ ଗଣେଶ ଯେନା ବନ୍ୟାଜଳରେ ଭାସିଯାଇ ନିଖୋଜ ରହିଛନ୍ତି । ଓଡ୍ରାଫ ଟିମ୍ ପକ୍ଷରୁ ଲଗାତାର ଖୋଜାଖୋଜି କରାଯାଉଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ । ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଂଚଳରେ ଗଭୀର ଶୋକ ଓ ଚିନ୍ତାର ବାତାବରଣ ସୃଷ୍ଟି କରିଛି । ବନ୍ୟା ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଶନିବାର ସନ୍ଧ୍ୟାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବନ୍ୟା ସମ୍ପର୍କରେ ଏକ ଜରୁରୀ ସମୀକ୍ଷା କରିଛନ୍ତି । ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ସମେତ ସମସ୍ତ ସରକାରୀ ଅଧିକାରୀଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବନ୍ୟାଂଚଳରେ ବିପନ୍ନଙ୍କ ପାଖରେ ଶୁଖିଲା ଖାଦ୍ୟ ସହିତ ଆବଶ୍ୟକ ସ୍ଥାନରେ ରନ୍ଧା ଖାଦ୍ୟ ଏବଂ ପାନୀୟ ଜଳ ଯୋଗାଇଦେବାକୁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ରବିବାର ମନ୍ତ୍ରୀ ଓ ଜିଲ୍ଲାପାଳ ମିଳିତ ଭାବେ ଧାମନଗର, କୋଠର, ଧୁଷୁରୀ ଆଦି ବନ୍ୟା ପ୍ରଭାବିତ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ।ପୁଣିଥରେ ଆସିଥିବା ତୃତୀୟ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଧାମନଗର ବ୍ଲକର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ଓ ସମସ୍ତ ସ୍କୁଲ କଲେଜ ଛୁଟି ଘୋଷଣା କରାଯାଇଛି । ବନ୍ୟାଂଚଳରେ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ବିଭିନ୍ନ ସ୍ଥାନରେ ଶୁଖିଲା ଖାଦ୍ୟ ବ[ନ କାର୍ଯ୍ୟ ଜାରି ରହିଛି । କ୍ରମାଗତ ବନ୍ୟା ଯୋଗୁଁ ଚାଷୀମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଦେଖାଦେଇଛି । ଧାମନଗର - ଫଳପୁର , ହସନାବାଦ,ଧୁଷୁରୀ ଆରଡି ରାସ୍ତା ରେ ଯାତାୟାତ ରେ ବାଧା ସୃଷ୍ଟି କରିଛି, ତଳିଆ ଅଂଚଳ ଅର୍ଜୁନପୁର, ହସନାବାଦ, ପଧାନୀ, ଭଟସାହି, ନଦୀଗାଁ ଆଦି ପଂଚାୟତ ରେ ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ।

# ଜୟ କିଷାନ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ତରଫରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ଜୟ କିଷାନ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ତରଫରୁ ଅଗଷ୍ଟ ୧୫, ୨୦୨୬ ରିଖରେ ୮୦ ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଦେଶପ୍ରେମର ସହ ପାଳିତ ହୋଇଯାଇଛି । ଇଏସଏଏଫ (ରଝଇର) ଫାଉଣ୍ଡେସନର କ୍ଲଷ୍ଟର କୋ-ଅର୍ଡିନେଟର ରାଜ କିଶୋର ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ, ପ୍ରଗତିଶୀଳ କୃଷକ (ଏଫ୍.ପି.ଓ. ସଦସ୍ୟ), ଅତିଥିବୃନ୍ଦ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ର ପ୍ରତିନିଧିମାନେ ଯୋଗଦେଇ ଦେଶର ସ୍ୱାଧୀନତାକୁ ଉଜ୍ଜାପନ କରିବା ସହ ରାଷ୍ଟ୍ର ନିର୍ମାଣରେ ନାଗରିକଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ଉତ୍ସବରେ ଯୋଗଦେଇଥିବା ଅତିଥିଗଣ ସ୍ୱାଧୀନତା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଦେଶର ସ୍ୱାଧୀନତା ପାଇଁ ଆତ୍ମବଳିଦାନ ଦେଇଥିବା ମହାନ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଜାତୀୟ ଏକତା, ଦାୟିତ୍ୱବାନ୍ ନାଗରିକତା, ଗ୍ରାମୀଣ ବିକାଶ ଏବଂ କୃଷକମାନଙ୍କ ସଶକ୍ତୀକରଣ ଉପରେ ବିଶେଷ ଚର୍ଚ୍ଚା କରାଯାଇଥିଲା । ଦେଶର ଖାଦ୍ୟ ସୁରକ୍ଷା ଓ ଆର୍ଥିକ ପ୍ରଗତିରେ କୃଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହାସହ ଏକ ସମୃଦ୍ଧ ଗାଁ ଓ ବଳିଷ୍ଠ ଆତ୍ମନିର୍ଭର ଭାରତ ଗଠନ ପାଇଁ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଇ ଥିଲା । ଚାଷୀ, ଗ୍ରାମା˚ଳର ବିକାଶ ଏବଂ ଦେଶକୁ ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଭାରତରେ ପରିଣତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଶପଥ ଗ୍ରହଣ କରାଯାଇଥିଲା ।

# କମୁଛି ସୁବର୍ଣ୍ଣରେଖା ନଦୀର ଜଳସ୍ତର: ରାଜଘାଟ ଠାରେ ସତର୍କ ସୂଚନା ତଳେ ବନ୍ୟା ଜଳ ପ୍ରବାହିତ



ବାଲିଆପାଳ(ନିପ୍ର): ଶୁକ୍ରବାର ମଧ ରାତ୍ରରୁ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟା ଶନିବାର ମଧ ରାତ୍ରରୁ କମିବାରେ ଲାଗିଛି । ରାଜଘାଟ ଠାରେ ସତର୍କ ସୁଚନା ତଳେ ବନ୍ୟା ଜଳ ପ୍ରବାହିତ ହେଉଥିଲେ ମଧ ବାଲିଆପାଳ ବ୍ଲକର ବହୁ ଗାଁ ଏବେବି ପାଣି ଘେରରେ ରହିଛି । ଗାଁ ଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥିବାରୁ ଗାଁ କୁ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଂଟେ ଅଂଟେ ପାଣିରେ ପଶି ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଜାରରୁ ନେଉଥିବାର ଦେଖିବାକୁ ମିଳିଛି । ବାଲିଆପାଳ ବିଷ୍ଣୁପୁର ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ୨ଉ ୩ ଫୁଟରୁ ଉର୍ଦ୍ଧ୍ୱରେ ବନ୍ୟା ପାଣି ପ୍ରବାହିତ ହେଉଛି । ଫଂଚରୁଖି ଠାରୁ ଚୌଧୁରୀକୁଦ ଓ ଚରବସ୍ତକଳାରୁଇ ଗ୍ରାମ ରାସ୍ତା ଉପରେ ୧ କୋଲୋମିଟ ପର୍ଯ୍ୟନ୍ତ ବନ୍ୟା ଜଳ ୩/ ୪ ଫୁଟ ଉପରେ ପ୍ରବାହିତ ହେଉଛି । ଅସ୍ତୀ ଫଂଚାୟତର ପାଳଚମ୍ପେଇ ଗ୍ରାମ ସମ୍ପୁର୍ଣ୍ଣ ଭାବରେ ବାହ୍ୟ ଜଗତରୁ ବିଛିନ୍ନ ହୋଇଥିବାରୁ ଯିବା ଆସିବା ପାଇଁ ୧କିମିରୁ ଅଧିକ ଦୁର ଅକାତ କାତ ପାଣିରେ ଲୋକେ ଦେଶି ଡଙ୍ଗା ସାହାଯ୍ୟରେ ଯାତାୟତ କରୁଛନ୍ତି । ମଧୁପୁରା ଫଂଚାୟତର ଫଂଚରୁଖି ଠାରୁ ଚୌଧୁରୀକୁଦ, ଜାମକୁଣ୍ଡା ଠାରୁ ତାଳପଦା, କୁହ୍ଲାଚଡ, ଇକଡ଼ପାଳ, ନୟାବାଲି ଆଦି ଗ୍ରାମର ଲୋକ ମାନେ ବନ୍ୟା ଜଳରେ ପଶି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନେଉଛନ୍ତି । ଚଳିତ ବନ୍ୟାରେ ରାଜଘାଟ ଠାରେ ସର୍ବୋଚ୍ଚ ଜଳସ୍ତର ୧୦.୪୯ ପର୍ଯ୍ୟନ୍ତ ଯାଇ ମଧ ରାତ୍ରୀ ରୁ କମିବାରେ ଲାଗିଛି । ଏଠାରେ ସତର୍କ ସଂକେତ ୯.୪୫ ମିଟର ଥିବା ବେଳେ ଅପରାହ୍ନରେ ୯ ମିଟର ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଛି । ସେହି ପରି ବାଲିଆପାଳ ବ୍ଲକର, ସାଉଡ଼ି, ବୋଲଙ୍ଗ, କୁଣ୍ଡୁଳୀ ଓ ବଣିଆଡିହା ପ୍ରଭୃତି ଫଂଚାୟତ ଜଳକା ନଦୀର ବନ୍ୟାଜଳ ପ୍ରଭାବିତ ହୋଇଛି । ଏହି ବନ୍ୟାରେ ପ୍ରଭାବିତ ଅଂଚଳରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଖିଲା ଖାଦ୍ୟ ଓ ପିଇବା ପାଣି ବଂଟନ କରାଯାଇଛି । ଏହା ସହିତ ବାଲିଆପାଳ ବ୍ଲକରେ କୁଣ୍ଡୁଳୀ, ସାଉଡି, ବିଷ୍ଣୁପୁର ଫଂଚାୟତରେ ବନ୍ୟା ପ୍ରଭାବିତ ଲୋକ ମାନଙ୍କୁ ପ୍ରସାଶନ ପକ୍ଷରୁ ରନ୍ଧା ଖାଦ୍ୟ ବଂଟନ କରାଯାଉଥିବା ନେଇ ବିଡିଓ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ଜାତୀୟ ପତକାକୁ ଅସମ୍ମାନ

ସୋର(ନିପ୍ର): ସୋରରେ ବିଭିନ୍ନ ସ୍ଥାନରେ ସ୍ୱାଧିନତା ଦିବସ ବେଶ ଧୁମଧାମରେ ପାଳିତ ହୋଇଛି । ମାତ୍ର ଏକାଧିକ ସ୍ଥାନରୁ ଜାତୀୟ ପତକାକୁ କରାଯାଇଥିବା ଅସମ୍ମାନର ଚିତ୍ର ସମସ୍ତ ଦେଶ ପ୍ରେମୀଙ୍କୁ ଆଘାତ ପହଂଚାଇଛି । ସୋର ଷ୍ଟେସନ ରାସ୍ତାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟଙ୍କ ସମ୍ମୁଖରେ ବ୍ୟଙ୍କ ପକ୍ଷରୁ ପତକା ଉତୋଳନ କରାଯାଇଥିଲା । ମାତ୍ର ଜାତୀୟ ପତକାକୁ ୫ଫୁଟ ଉଚ୍ଚରେ ଏକ ଲୁହା ଛଡରେ ବନ୍ଧାଯାଇ ଉଡାଯିବା ସହିତ ଏକ ପ୍ଲଷ୍ଟିକ ସୁତୁଲିରେ ପତକାର ଗୋଟିଏ କୋଣକୁ ବନ୍ଧାଯାଇ ଥିଲା । ଯାହା କେବଳ ଧର୍ମକୁ ଆଖିଠାର ପରି ସ୍ୱାଧୀନତା ଦିବସ ପାଳନ କରଯାଇଥିବା ସାଧାଣରେ ଚର୍ଚ୍ଚା ହେଉଛି । ଜାତୀୟ ପତକାକୁ ସିଧା ସଳଖ ଭାବେ ଏପରି ଅସମ୍ମାନ କରାଯାଇଥିବାରୁ ଦେଶପ୍ରେମୀଙ୍କ ମନରେ ଆଘାତ ସୃଷ୍ଟି ହେବା ସହିତ ଅସନ୍ତୋଷ ପ୍ରକାଶ ପାଇଛି । ବ୍ୟାଙ୍କ କର୍ତୃପକ୍ଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

# ନୁଆବସ୍ତ୍ର ଉପହାର ଦେଇ ସ୍ୱାଧିନତା ଦିବସ ପାଳିଲେ ପ୍ରାକ୍ତନ ବ୍ଲକ ଉପାଧକ୍ଷ



ଖଇରା,୧୬/୮ଖଇରା ବ୍ଲକ ଅଧୀନ କୁପାରୀ ହ୍ୟାଲିପ୍ୟାଡ ପଡିଆରେ ପ୍ରତିବର୍ଷ ଭଳି ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ ରାଉତ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବ□ନ କରି ସ୍ୱାଧିନତା ଦିବସ ପାଳନ କରିଛନ୍ତି । ଏଥିରେ ପୁର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତ୍ରିରଙ୍ଗା ଉଡାଇବା ଅବସରରେ ଯିଏ ଯେଉଁ କ୍ଷେତ୍ରରେ ଥାଉନା କାହିଁକି ଦେଶସେବା ମୁଳମନ୍ତ୍ର ହେବା ଦରକାର ବୋଲି କହିଥିଲେ । ପରେ ନେତୃବୃନ୍ଦ ୧୬୦ ବୁଢୀବୁଢାଙ୍କୁ ମିଠାଖୁଆଇ ନୁଆବସ୍ତ୍ର ବ□ନ କରିଥିଲେ । ପୁର୍ବତନ ସରପ□ ଭବଜ୍ୟୋସ୍ନା ନାୟକ ଓ ସମିତି ସଭ୍ୟା ସୁନିତା ସାହୁ, ଦେବେନ୍ଦ୍ର ଜେନା, ନିଗମାନନ୍ଦ ବେହେରା, ଚକ୍ରଧର ମହାରଣା,ଅବନି ରାଉଳ ତଥା ୱାର୍ଡସଭ୍ୟ ଉପସ୍ଥିତ ଥିଲେ ।

# ଅମୃତ କାଳରେ ଆତ୍ମନିର୍ଭର ଭାରତର ଆହ୍ୱାନ ବିକଶିତ ଭାରତର ମଜଭୁତ୍ ଭିତି ସ୍ଥାପନ କରିଛି: ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ




ବ୍ରହ୍ମପୁର: ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ୮୦ତମ ପବିତ୍ର ସ୍ୱାଧୀନତା ଦିବସ ମହା ସମାରୋହରେ ପାଳନ ହୋଇଯାଇଛି କ୍ଷ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡ଼ିୟମ ଠାରେ ଆୟୋଜିତ ଏହି ମହାନ୍ ଜାତୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣା˚ଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଅବିନାଶ କୁମାର, ମହାନଗର ନିଗମ କମିଶନର ସସ୍ୟା ରେଡ୍ଡି ଏବଂ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ.ସର୍ବଣା ବିବେକ ଏମ୍., ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇଥିଲେ । ଷ୍ଟାଡିୟମ୍ ଚତୁଃପାର୍ଶ୍ୱରେ ଭରପୁର ଜନସମାଗମ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ସକାଳ ୯ ଘଟିକା ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ ହୋଇଥିଲା । ସମବେତ ଜନତା, ପ୍ରଶାସନିକ ଏବଂ ପୁଲିସ୍ ଅଧିକାରୀ ଦେଶର ଗର୍ବ ଓ ଗୌରବର ପ୍ରତୀକ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ସାଲ୍ୟୁଟ୍ କରିଥିଲେ । 'ବନ୍ଦେ ମାତରମ୍' ଏବଂ 'ଜନଗଣ ମନ ଅଧିନାୟକ' ସମୂହ ସଂଗୀତ ଗାନରେ ଗଗନ ପବନ ମୁଖରିତ ହୋଇଉଠିଥିଲା । ଦେଶ ପ୍ରେମ ତଥା ଦେଶ ଭକ୍ତିର ଏକ ନିଆରା ପରିବେଶରେ ପ୍ରତିଟି ଜନମନ, ପ୍ରତିଟି ହୃଦୟ ତନ୍ତ୍ରୀ ଆନ୍ଦୋଳିତ ହୋଇଉଠିଥିଲା କ୍ଷ ମୁଖ୍ୟ ଅତିଥିଙ୍କ ପ୍ୟାରେଡ୍ ଦଳ ପରିଦର୍ଶନ ଏବଂ ଅଭିଭାଷଣ ପରେ ଉପଖଣ୍ଡ ସ୍ତରୀୟ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା । ପ୍ୟାରେଡ୍ ପରେ ସ୍କୁଲ୍ ର କୁନି କୁନି ପିଲାମାନେ ଦେଶାତ୍ମବୋଧକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନର ଆୟୋଜନ ମଧ ହୋଇଥିଲା । ଝିପିଝିପି ବର୍ଷା ଏବଂ କୋହଲା ପାଗରେ ଆନନ୍ଦ ଉଲ୍ଲାସ ମଧରେ ପାଳିତ ଏହି ମହାନ୍ ଜାତୀୟ ଗଣପର୍ବ ସମାପ୍ତି ଘୋଷଣା ସହ ମୁଖ୍ୟ ଅତିଥି ବିଦାୟ ନେଇଥିଲେ । ଏହା ପୂର୍ବରୁ ସାରା ସହରରେ ପ୍ରତ୍ୟୁଷରୁ 'ରାମଧୂନ୍' ପରିବେଷଣ କରାଯାଇଥିଲା । ଚତୁର୍ଦ୍ଦିଗରେ ଦେଶପ୍ରେମର ଅପୂର୍ବ ଶିହରଣ ଖେଳିଯାଇଥିଲା । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ବର୍ଷା ଯୋଗୁଁ ପୁରସ୍କୃତ କରାଯାଇପାରିନଥିଲେ ମଧ ପରବର୍ତୀ ନିଷ୍ପତି ଅନୁଯାୟୀ ଏହି ପୁରସ୍କାର ବିତରଣ ଉତ୍ସବ ଆଗମୀ ୨୦ ତାରିଖ ସକାଳ ୧୦ ଘଟିକା ସମୟରେ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚିତ କରାଯାଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ଷଷ୍ଠ ରୁ ଅଷ୍ଟମ ସ୍ତରରେ ସାଇସୌମ୍ୟା ମହାରଣା, ଅଷ୍ଟମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର, ପ୍ରଥମ ସ୍ଥାନ, ସୁଶ୍ରୀ ସିମ୍ରନ ଜେନା, ଅଷ୍ଟମ, ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶିବାନନ୍ଦ ନଗର, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନ ଏବଂ ଏକପର୍ଣ୍ଣିକା ପଟ୍ଟନାୟକ, ଅଷ୍ଟମ, ସେଂଟ ଜାଭିୟର୍ସ ହାଇସ୍କୁଲ, ବ୍ରହ୍ମପୁର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ନବମରୁ ଏକାଦଶ ସ୍ତରରେ ଅର୍ଚ୍ଚିତା ଆଚାର୍ଯ୍ୟ, ଏକାଦଶ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର, ପ୍ରଥମ ସ୍ଥାନ, ପ୍ରତିଜ୍ଞା ପୁରୋହିତ, ଦଶମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାମହରି ନଗର, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନ ଏବଂ ଶିବରାମ ଆପଟ୍ଟ, ଦଶମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୋସାଇଁ ନୂଆଗାଁ, ବ୍ରହ୍ମପୁର ତୃତୀୟ ସ୍ଥାନ ହାସଲ କରିଛନ୍ତି କ୍ଷ ସେହିପରି ମହାବିଦ୍ୟାଳୟ ସ୍ତରରେ ଖୁସି ମହାପାତ୍ର, ବି.ଟେକ୍, ପାରଳା ମହାରାଜା ଇଂଜିନିୟରିଂ କଲେଜ, ବ୍ରହ୍ମପୁର ପ୍ରଥମ ସ୍ଥାନ ଏବଂ କେ. ବିଶ୍ୱେଶ୍ୱରୀ, ଯୁକ୍ତ ତିନି ବିଜ୍ଞାନ, ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ବକ୍ତୃତା ପ୍ରତିଯୋଗିତାର ଷଷ୍ଠ ରୁ ଅଷ୍ଟମ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ପ୍ରଜ୍ଞାମୟୀ ପାଢୀ, ସପ୍ତମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନରେ ଅଛନ୍ତି ପ୍ରତୀକ କୁମାର ସ୍ୱାଇଁ, ଅଷ୍ଟମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାମହରି ନଗର, ବ୍ରହ୍ମପୁର ଏବଂ ଶ୍ରୁତିପ୍ରିୟା ପୁରୋହିତ, ଷଷ୍ଠ, ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାସୁଦେବ ନଗର, ବ୍ରହ୍ମପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ନବମରୁ ଏକାଦଶ ସ୍ତରରେ ଅଙ୍କିତା ସାହୁ, ଏକାଦଶ, ଖଲ୍ଲିକୋଟ ଉଚ୍ଚ ମାଧମିକ ବିଦ୍ୟାଳୟ, ବ୍ରହ୍ମପୁର, ପ୍ରଥମ ସ୍ଥାନ, ପି. ଅବିନାଶ ଦାସ, ନବମ, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର, ଦ୍ୱିତୀୟ ଏବଂ ଚିନ୍ମଇ ପଶୁପାଳକ, ଦଶମ, ଗୁରୁକୁଳ ଇଂରାଜୀ ମାଧମ ବିଦ୍ୟାଳୟ, ବ୍ରହ୍ମପୁର, ତୃତୀୟ ସ୍ଥାନ ହାସଲ କରିଛନ୍ତି । ମହାବିଦ୍ୟାଳୟ ସ୍ତରରେ ଅଭିଷେକ ସାମନ୍ତରାୟ, ଯୁକ୍ତ ତିନି, ବାଣିଜ୍ୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଏବଂ ଅମ୍ବିକା ପ୍ରସାଦ ମହାପାତ୍ର, ସ୍ନାତକୋତର, ରାଜନୀତି ବିଜ୍ଞାନ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଯୁଗ୍ମ ଭାବେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଗାୟତ୍ରୀ ସାହୁ, ଡିପ୍ଲୋମା (କମ୍ପୁଟର ବିଜ୍ଞାନ) ଉମାଚରଣ ପଟ୍ଟନାୟକ ଯାନ୍ତ୍ରିକ ବିଦ୍ୟାଳୟ, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନ ଏବଂ ଦିପ୍ତିମୟୀ ମହାନ୍ତ, ଡିପ୍ଲୋମା (କମ୍ପୁଟର ବିଜ୍ଞାନ), ଉମାଚରଣ ପଟ୍ଟନାୟକ ଯାନ୍ତ୍ରିକ ବିଦ୍ୟାଳୟ , ବ୍ରହ୍ମପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

# ଡିଏଭି ପବ୍ଲିକ୍ ସ୍କୁଲ, ଏମ୍‌ସିଏଲ୍, କଳିଙ୍ଗ କ୍ଷେତ୍ରରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳିତ

ତାଳଚେର(ନିପ୍ର): ଡିଏଭି ପବ୍ଲିକ୍ ସ୍କୁଲ, ଏମ୍‌ସିଏଲ୍, କଳିଙ୍ଗ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇ ଯାଇଛି । ଶିକ୍ଷକ-ଶିକ୍ଷୟିତ୍ରୀମାନେ ମହାନ ଦେଶପ୍ରେମୀ ତଥା ମାତୃଭୂମିର ଏହି ମହାନ ସନ୍ତାନଙ୍କ ପ୍ରତି ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ପ୍ରାର୍ଥନା ଓ ଦେଶଭକ୍ତିମୂଳକ ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟ ପରିସରରେ ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ବିଶାଳ ପ୍ରତିମୂର୍ତି ରହିଥିବାରୁ ବିଦ୍ୟାଳୟ ନିଜକୁ ଗୌରବାନ୍ୱିତ ମନେ କରେ । ଏହି ଅବସରରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି ମହାନ ରାଜନୀତିଜ୍ଞ ଓ ସଂସଦବିତ୍‌ଙ୍କ ଅଦମ୍ୟ ମନୋବଳ, ଦେଶପ୍ରତି ତାଙ୍କର ଅବଦାନ ଏବଂ ଭାରତର ରାଜନୈତିକ ଓ ଆର୍ଥିକ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ-ଶିକ୍ଷୟିତ୍ରୀମାନେ ମହାନ ଦେଶପ୍ରେମୀ ତଥା ମାତୃଭୂମିର ଏହି ମହାନ ସନ୍ତାନଙ୍କ ପ୍ରତି ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ପ୍ରାର୍ଥନା ଓ ଦେଶଭକ୍ତିମୂଳକ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶ୍ରୀ ଗୋପାଳ କୃଷ୍ଣ ଆଚାର୍ଯ୍ୟ ଅଟଳ ବିହାରୀ ବାଜପେୟୀଙ୍କ ପ୍ରସିଦ୍ଧ କବିତା 'ଦୋ ଅନୁଭୂତିୟାଁ' ଅନ୍ତର୍ଗତ 'ଗୀତ ନହିଁ ଗାତା ହୁଁ' ଓ 'ଗୀତ ନୟା ଗାତା ହୁଁ' ଆବୃତି କରିଥିଲେ । ଶେଷରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ମହାନ ସଂସଦବିତ୍‌ଙ୍କ ଆଦର୍ଶ ଓ ପଦଚିହ୍ନ ଅନୁସରଣ କରି ଦେଶର ଉନ୍ନତି ଓ ସେବା ପାଇଁ ନିଜକୁ ସମର୍ପିତ କରିବାର ଶପଥ ଗ୍ରହଣ କରିଥିଲେ ।




## ଆଜି ୪ ଘଂଟା ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ



ପୁରୀ: ସୋମବାର ଦିନ ଶ୍ରୀଜିଉଙ୍କ ସ୍ୱତନ୍ତ୍ର ନିତିକାନ୍ତି ପାଇଁ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ଚାରି ଘଂଟା ପାଇଁ ସାର୍ବଜନୀନ ଦର୍ଶନ ବନ୍ଦ ରହିବ । ଆଜି ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ଅନୁଷ୍ଠିତ ହେବ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ରବିବାର ଏନେଇ ସୂଚନା ଦେଇଛି । ତଦନୁଯାୟୀ, ଆଜି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତମାନଙ୍କୁ ଗର୍ଭଗୃହରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ଶ୍ରାବଣ ମାସର ଶୁକ୍ଳ ପକ୍ଷର ପଂଚମ ଦିନ ଶ୍ରାବଣ ଶୁକ୍ଳ ପଂଚମୀ ଅବସରରେ ଖସାପଡ଼ା ନୀତି ଅନୁଷ୍ଠିତ ହୋଇଥାଏ । ଦ୍ୱିତୀୟ ଭୋଗମଣ୍ଡପ ନୀତି ସମାପ୍ତ ହେବା ପରେ ଏହି ସ୍ୱତନ୍ତ୍ର ନିତିକାନ୍ତି କରାଯିବ ।

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ଲଘୁଚାପ



ଭୁବନେଶ୍ୱର: ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ-ଉତର ଓଡ଼ିଶା ଉପକୂଳରେ ରବିବାର ପ୍ରତ୍ୟୁଷରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ପ୍ରାୟ ଉତର-ପଶ୍ଚିମ ଦିଗକୁ ଗତି କରି ଆଗାମୀ ୨୪ ଘଂଟା ମଧ୍ୟରେ ଅଧିକ ସ୍ପଷ୍ଟ ହେବାର ସମ୍ଭାବନା ଅଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାର ପ୍ରଭାବରେ ଅଗଷ୍ଟ ୧୭ ତାରିଖରେ ଉତର ଓଡ଼ିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗରେ ପୃଥକ ଭାବରେ ପ୍ରବଳ ବର୍ଷା ହୋଇପାରେ । ଅଗଷ୍ଟ ୧୬-୧୮ ପର୍ଯ୍ୟନ୍ତ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଅଗଷ୍ଟ ୧୯-୨୧ ପର୍ଯ୍ୟନ୍ତ ରାଜ୍ୟରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିପାରେ । ଅପରପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଏକ ଅବପାତ ସୃଷ୍ଟି ହୋଇଥିଲା । ଯାହା ଫଳରେ ପ୍ରବଳ ବର୍ଷା ହୋଇଥିଲା । ଆଉ ଏବେ ପୁଣି ନୂଆ ଲଘୁଚାପ ସୃଷ୍ଟି ହୋଇଛି ।






# ଗୋଟିଏ ବର୍ଷରେ ୧ କୋଟି ଯୁବକଯୁବତୀଙ୍କ ପାଇଁ ଏଆଇ ଦକ୍ଷତା ତାଲିମ ଘୋଷଣା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲା ପ୍ରାଚୀରରୁ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୃତ୍ରିମ ବୁଦ୍ଧିମତା, ଶିକ୍ଷା, କ୍ରୀଡା, ନାଗରିକ ପ୍ରତିରକ୍ଷା, ସେମିକଣ୍ଡକ୍ଟର ଉତ୍ପାଦନ, ପରମାଣୁ ଶକ୍ତି ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ନେଇ ଅନେକ ପଦକ୍ଷେପ ଏବଂ ଲକ୍ଷ୍ୟ ଘୋଷଣା କରିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣ ସମୟରେ ନିମ୍ନଲିଖିତ ପ୍ରମୁଖ ଘୋଷଣା କରିଥିଲେ: ୧. କୋଟିଏ ଯୁବକ-ଯୁବତୀଙ୍କୁ ଏଆଇ ପ୍ରଶିକ୍ଷଣ: ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଆଗାମୀ ଏକ ବର୍ଷ ମଧ୍ୟରେ ୧ କୋଟି ଯୁବକ-ଯୁବତୀଙ୍କୁ ଏଆଇ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ । ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କୃତ୍ରିମ ବୁଦ୍ଧିମତାର ପ୍ରସାର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଏହି ପଦକ୍ଷେପ ଭାରତର ଯୁବପିଢ଼ିଙ୍କୁ ଏଆଇ ଦୁନିଆରେ ନେତୃତ୍ୱ ନେବାକୁ ସମର୍ଥ କରିବ । ୨. ବିଭିନ୍ନ ପରୀକ୍ଷା ପାଇଁ ମାଗଣା ଅନଲାଇନ୍ କୋଚିଂ: ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଯୁବକ-ଯୁବତୀଙ୍କ ପାଇଁ ମାଗଣା ଅନଲାଇନ୍ କୋଚିଂ ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଛନ୍ତି । ଗରିବ ଏବଂ ମଧ୍ୟବିତ ପରିବାର ଉପରେ କୋଚିଂ କ୍ଲାସର ଆର୍ଥିକ ବୋଝ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଦେଶର ଯୁବପିଢ଼ିଙ୍କୁ ମାଗଣାରେ କୋଚିଂ ଯୋଗାଇବା ପାଇଁ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକଚର, ଉପଲବ୍ଧ ପ୍ରତିଭା ଏବଂ ଶିକ୍ଷକମାନଙ୍କୁ ଏକାଠି କରି ଏକ ସମ୍ପୂର୍ଣ୍ଣ ନେଟୱାର୍କ ଗଠନ କରାଯିବ । ୩. ୫-୧୫ ବର୍ଷର ଶିଶୁଙ୍କ ପାଇଁ ସାରା ଦେଶରେ କ୍ରୀଡ଼ା ପ୍ରତିଭା ସନ୍ଧାନ: ପ୍ରଧାନମନ୍ତ୍ରୀ ୫ ରୁ ୧୫ ବର୍ଷ ବୟସର ଶିଶୁମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ଚିହ୍ନଟ କରିବା ପାଇଁ ଗାଁ, ସହର ଏବଂ ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ସାରା ଦେଶରେ ଏକ କ୍ରୀଡ଼ା ପ୍ରତିଭା ସନ୍ଧାନ ଅଭିଯାନ ଘୋଷଣା କରିଛନ୍ତି । ଚିହ୍ନଟ ହୋଇଥିବା ଶିଶୁମାନଙ୍କୁ ଦେଶର ପ୍ରତିନିଧିତ୍ୱ କରିପାରୁଥିବା ଖେଳାଳି ଭାବରେ ଗଢ଼ିତୋଳିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ । ଅଲିମ୍ପିକ୍ସର ଯେଉଁ ସବୁ ଖେଳରେ ଭାରତ ବର୍ତ୍ତମାନ ଭାଗ ନିଏ ନାହିଁ କିମ୍ବା ଯୋଗ୍ୟତା ହାସଲ କରେ ନାହିଁ, ସେହିସବୁ ଖେଳରେ ଦକ୍ଷତା ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ୪. ଆଧୁନିକ ଆହ୍ୱାନ ପାଇଁ ସୁଦୃଢ଼ ବେସାମରିକ ପ୍ରତିରକ୍ଷା ନେଟୱାର୍କ: ଆଧୁନିକ ଯୁଗରେ ଯୁଦ୍ଧ କୌଶଳର ବଦଳୁଥିବା ସ୍ୱରୂପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଦେଶରେ ଏକ ସୁଦୃଢ଼ ବେସାମରିକ ପ୍ରତିରକ୍ଷା ନେଟୱାର୍କ ଗଠନ କରାଯିବ । ସେ କହିଥିଲେ ଯେ ଯୁଦ୍ଧ ଆଉ କେବଳ ସୀମା ମଧ୍ୟରେ ସୀମିତ ହୋଇ ରହିନାହିଁ, ଏହା ତୈଳ ବିଶୋଧନାଗାର, ବ୍ୟାଙ୍କିଂ କ୍ଷେତ୍ର, ଡାଟା ସେଂଟର, କାରଖାନା ଏବଂ ଅନ୍ୟାନ୍ୟ ଭିତିଭୂମିକୁ ମଧ୍ୟ ପ୍ରଭାବିତ କରିପାରେ । ଗତ ଶତାବ୍ଦୀର ଯୁଦ୍ଧ ଆଧାରରେ ବିକଶିତ ହୋଇଥିବା ବେସାମରିକ ପ୍ରତିରକ୍ଷା ବ୍ୟବସ୍ଥା ସବୁ ଆଜିର ସମୟରେ ପୁରୁଣା ହୋଇସାରିଛି । ତେଣୁ ନାଗରିକମାନଙ୍କୁ ଆଧୁନିକ ବ୍ୟବସ୍ଥା ସହିତ ପରିଚିତ କରାଯିବ ଏବଂ ଆଧୁନିକ ଆହ୍ୱାନର ମୁକାବିଲା କରିବା ପାଇଁ ଏକ ବିଶାଳ ସ୍ୱେଚ୍ଛାସେବୀ ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରସ୍ତୁତ କରାଯିବ । ୫. ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ଅଧିକ ସେମିକଣ୍ଡକ୍ଟର ପ୍ଲାଂଟ: ଡିଜିଟାଲ୍ ଏବଂ ପ୍ରଯୁକ୍ତିବିଦ୍ୟା ଦୁନିଆରେ ସେମିକଣ୍ଡକ୍ଟର ଚିପ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ ଭାରତ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆଡ଼କୁ ଅଗ୍ରସର ହେଉଛି ବୋଲି କହିଥିଲେ । ସେ କହିଥିଲେ ଯେ ତିନୋଟି ସେମିକଣ୍ଡକ୍ଟର ପ୍ଲାଂଟ ପୂର୍ବରୁ ଆରମ୍ଭ ହୋଇସାରିଛି ଏବଂ ଏହି କାରଖାନାଗୁଡ଼ିକରୁ ଉତ୍ପାଦନ ସହ ରପ୍ତାନି ମଧ୍ୟ ଆରମ୍ଭ ହୋଇଗଲାଣି । ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଆଗାମୀ ସାତ-ଆଠ ବର୍ଷ ମଧ୍ୟରେ ଆହୁରି ପାଂଚ-ସାତ କିମ୍ବା ଆଠଟି ସେମିକଣ୍ଡକ୍ଟର ପ୍ଲାଂଟ ପ୍ରତିଷ୍ଠା ହେବ, ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ‘ବିକଶିତ ଭାରତ’ ଗଠନର ଏକ ମାର୍ଗ ବୋଲି ବର୍ଣ୍ଣନା କରିଥିଲେ । ୬. ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ପରମାଣୁ ଶକ୍ତି କ୍ଷମତା: ଚିପ୍ସ, ଏଆଇ ଏବଂ ଡାଟା ସେଂଟରଗୁଡ଼ିକର ବୃଦ୍ଧି ପାଉଥିବା ଶକ୍ତି ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶକ୍ତି ସୁରକ୍ଷା ଏବଂ ପରମାଣୁ ଶକ୍ତିର ଗୁରୁତ୍ୱ ଉପରେ ବଳ ଦେଇଥିଲେ । ସେ କହିଥିଲେ ଯେ ୨୦୪୭ ସୁଦ୍ଧା ଭାରତ ୧୦୦ ଗିଗାୱାଟ୍ ପରମାଣୁ ଶକ୍ତି କ୍ଷମତା ହାସଲ କରିବା ଲକ୍ଷ୍ୟରେ ଆଗକୁ ବଢୁଛି ଏବଂ ଏହି ଦଶନ୍ଧି ମଧ୍ୟରେ ପାଂଚଟି ନୂଆ ପରମାଣୁ ରିଆକ୍ଟର ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଭାରତ ଏହି ବର୍ଷ ଫାଷ୍ଟ ବ୍ରିଡର ପରମାଣୁ ପ୍ରଯୁକ୍ତିବିଦ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି, ଯାହା ପରମାଣୁ ଇନ୍ଧନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ । ୭. ଛଅ କୋଟି ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ: ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଅବଦାନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ରହିଥିବା ତିନି କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ପୂରଣ ହୋଇସାରିଛି । ଭାରତ ଏବେ ଛଅ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଗକୁ ବଢ଼ିବ । ଆଉ ତିନି କୋଟି ଲକ୍ଷପତି ଦିଦି ସୃଷ୍ଟି ହେବା ଦ୍ୱାରା ନାରୀ ଶକ୍ତି ମାଧ୍ୟମରେ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଏକ ବଡ଼ ପରିବର୍ତନ ଆସିବ ବୋଲି ସେ ପ୍ରକାଶ କରିଥିଲେ ।

# ରାଜ୍ୟର ଓସିଏସ୍ ପ୍ରବେଶିକା ପରୀକ୍ଷା ପାଇଁ ସର୍ବୋଚ୍ଚ ବୟସସୀମା ୪୨ ବର୍ଷ ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ସ୍ୱାଧୀନତା ଦିବସରେ ଓଡ଼ିଶାର ଚାକିରି ଆଶାୟୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଥିବା ପ୍ରଚେଷ୍ଟା ସୀମା ବା ‘Attempt Limit’କୁ ହଟାଇବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଣିକି ପ୍ରାର୍ଥୀମାନେ ନିର୍ଦ୍ଧାରିତ ସର୍ବୋଚ୍ଚ ବୟସସୀମା ମଧ୍ୟରେ ଥିବା ପର୍ଯ୍ୟନ୍ତ OCS ପରୀକ୍ଷା ଦେଇପାରିବେ । ଏହା ସହିତ ରାଜ୍ୟର ସରକାରୀ ଚାକିରିରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ୪୨ ବର୍ଷ କରାଯାଇଛି । ଫଳରେ ଦୀର୍ଘଦିନ ଧରି ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଅନେକ ଆଶାୟୀଙ୍କୁ ଅଧିକ ସୁଯୋଗ ମିଳିବ । ତେବେ OCS ପରୀକ୍ଷାରେ ପୂର୍ବରୁ ପ୍ରାର୍ଥୀଙ୍କ ପାଇଁ ଆଟେମ୍ପ୍ଟ ସଂଖ୍ୟା ନିର୍ଦ୍ଧାରିତ ଥିଲା । ସାଧାରଣ ବର୍ଗର ପ୍ରାର୍ଥୀ ସର୍ବାଧିକ ୬ ଥର OCS ପରୀକ୍ଷା ଦେଇପାରୁଥିଲେ । SEBC ପ୍ରାର୍ଥୀଙ୍କ ପାଇଁ ଏହି ସୀମା ୯ ଥର ଥିଲା । ଅନ୍ୟପଟେ SC ଓ ST ପ୍ରାର୍ଥୀଙ୍କ ପାଇଁ ଚେଷ୍ଟା ସଂଖ୍ୟାର କୌଣସି ସୀମା ନଥିଲା, ଯେପର୍ଯ୍ୟନ୍ତ ସେମାନେ ନିର୍ଦ୍ଧାରିତ ବୟସ ଓ ଅନ୍ୟ ଯୋଗ୍ୟତା ପୂରଣ କରୁଥିଲେ । ଅର୍ଥାତ୍, ଜଣେ ସାଧାରଣ ବର୍ଗର ଆଶାୟୀ ୬ ଥର ପରୀକ୍ଷା ଦେଇ ବିଫଳ ହେଲେ, ବୟସସୀମା ଥିଲେ ମଧ୍ୟ ପରବର୍ତୀ OCS ପରୀକ୍ଷାରେ ଆଉ ଆବେଦନ କରିପାରୁନଥିଲେ । କିନ୍ତୁ ଏବେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଘୋଷଣା ଅନୁସାରେ ୬ଟି ଚେଷ୍ଟାର ସୀମା ହଟାଇ ଦିଆଯିବ । ଏଣିକି ପ୍ରାର୍ଥୀଙ୍କ ପାଇଁ ମୁଖ୍ୟ ଯୋଗ୍ୟତା ହେବ ନିର୍ଦ୍ଧାରିତ ବୟସସୀମା ଓ ଅନ୍ୟ ଆବଶ୍ୟକ ସର୍ତ ପୂରଣ କରିବା । ଯଦି ସରଳ ଭାବେ କହିବା, ଏବେ ନିର୍ଦ୍ଧାରିତ ବୟସସୀମା ୪୨ ବର୍ଷ ପର୍ଯ୍ୟନ୍ତ ଜଣେ ପ୍ରାର୍ଥୀ ସିଭିଲ୍ ସର୍ଭିସ୍ ପାଇଁ ପରୀକ୍ଷାରେ ବସିପାରିବେ । ଏହା ସହିତ ରାଜ୍ୟ ସରକାରୀ ଚାକିରିରେ ପ୍ରବେଶର ସର୍ବୋଚ୍ଚ ବୟସସୀମା ୪୨ ବର୍ଷ କରାଯାଇଛି । ଏହି ବୟସସୀମା ବୃଦ୍ଧିରେ ୟୁନିଫର୍ମଡ ସର୍ଭିସେସ୍ ପାଇଁ ଅଲଗା ନିୟମ ଲାଗୁ ହେବ । ୨୦୨୫ରେ ରାଜ୍ୟ ସରକାର ସାଧାରଣ ସରକାରୀ ନିଯୁକ୍ତି ପାଇଁ ବୟସସୀମା ବଢ଼ାଇବା ନେଇ ନିଷ୍ପତି ନେଇଥିଲେ । ଏହାର ଅର୍ଥ ହେଉଛି, ଯେଉଁ ଯୁବକ-ଯୁବତୀମାନେ ବୟସ ବଢ଼ିଯିବା କାରଣରୁ ସରକାରୀ ଚାକିରି ପରୀକ୍ଷାରୁ ବାଦ୍ ପଡୁଥିଲେ, ସେମାନଙ୍କୁ ଏବେ ଅଧିକ ସମୟ ମିଳିବ । ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ଅନୁକମ୍ପାମୂଳକ ନିଯୁକ୍ତି ସମ୍ପର୍କିତ ନିୟମରେ ମଧ୍ୟ କୋହଳ ଘୋଷଣା କରିଛନ୍ତି । ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ନିର୍ଭରଶୀଳ ସଦସ୍ୟଙ୍କୁ ଦିଆଯାଉଥିବା ଅନୁକମ୍ପାମୂଳକ ନିଯୁକ୍ତିରେ ପୂର୍ବରୁ ଥିବା କେତେକ କଟକଣାକୁ ସରକାର ନରମ କରିଛନ୍ତି । ଏହାଦ୍ୱାରା ପୂର୍ବରୁ ନିୟମ ଯୋଗୁଁ ନିଯୁକ୍ତିରୁ ବଂଚିତ ହେଉଥିବା କିଛି ପରିବାର ଉପକୃତ ହେବେ । ତେବେ ଏହି ଘୋଷଣା ପରେ OPSC ପକ୍ଷରୁ ସଂଶୋଧିତ ନିୟମ/ବିଜ୍ଞପ୍ତି ପ୍ରକାଶ ହେବା ପରେ ଏହା କେଉଁ ନିଯୁକ୍ତି ଚକ୍ରଠାରୁ ଲାଗୁ ହେବ ଏବଂ ବୟସସୀମାର ନିର୍ଦ୍ଧାରିତ ତାରିଖ କିପରି ଗଣନା ହେବ, ସେନେଇ ସ୍ପଷ୍ଟତା ମିଳିବ । ଯାହା ଲକ୍ଷ ଲକ୍ଷ OCS ଆଶାୟୀଙ୍କ ପାଇଁ ବଡ ଆଶ୍ୱସ୍ତି ଆଣିଦେବ । ତେବେ ୨୦୨୬ OCS ପ୍ରକ୍ରିୟାରେ ପୂର୍ବରୁ ପ୍ରକାଶିତ ଯୋଗ୍ୟତା ନିୟମରେ ବୟସ ଓ ଚେଷ୍ଟା ସମ୍ପର୍କିତ ପୁରୁଣା ବ୍ୟବସ୍ଥା ଥିଲା ।

## ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ ‘ଭାରତୀୟମ୍’ ଆୟୋଜିତ

# ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସଂକଳ୍ପବଦ୍ଧ ହେବା : ବାଚସ୍ପତି



ଭୁବନେଶ୍ୱର : ୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ ‘ଭାରତୀୟମ୍’ ଆୟୋଜିତ ହୋଇଯାଇଛି । ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ‘ଭାରତୀୟମ୍’ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ଆମ ଦେଶ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହୋଇଥିଲା । ବ୍ରିଟିଶ ସାମ୍ରାଜ୍ୟବାଦୀ ଶକ୍ତି ବିରୁଦ୍ଧରେ ଲଢ଼ି ଆମ ସ୍ୱାଧୀନତା ସଂଗ୍ରାମୀମାନେ ନିଜ ଜୀବନକୁ ଉତ୍ସର୍ଗ କରି ଆମ ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ । ସ୍ୱାଧୀନତା ଦିବସ ଅବସରରେ ଦେଶର ବରପୁତ୍ରମାନଙ୍କର ସ୍ମୃତିଚାରଣ କରିବା ସହ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ଯୁବପିଢ଼ି ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି ଶ୍ରୀମତୀ ପାଢ଼ୀ ମତପ୍ରକାଶ କରିଥିଲେ । ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, ସ୍ୱାଧୀନତା ହେଉଛି ଶାନ୍ତି, ସହଯୋଗ ଓ ପ୍ରଗତିର ସଂଗମ । ପରସ୍ପର ମଧ୍ୟରେ ଭାଇଚାରା ଓ ସଦ୍‌ଭାବନାକୁ ବଜାୟ ରଖି ସମାଜର ତୃଣମୂଳ ସ୍ତରରୁ ଆରମ୍ଭ କରି ସମସ୍ତଙ୍କ ଉନ୍ନତି ପାଇଁ ଏକ ମନରେ ଚିନ୍ତା କରିବା ଓ କାର୍ଯ୍ୟ କରିବା ପାଇଁ ଆଜି ଆମେ ସମସ୍ତେ ସଂକଳ୍ପ ନେବା । ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ସମସ୍ତେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତୁ ବୋଲି ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ । ଏଥିସହ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ ‘ଭାରତୀୟମ୍’ର ଆୟୋଜନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀକୁ ସାଧୁବାଦ ଜଣାଇବା ସହ ଅତିଥିମାନେ ସମସ୍ତ କଣ୍ଠଶିଳ୍ପୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ଦକ୍ଷିଣ ପୂର୍ବ ରେଳବାଇର ୮୦ତମ ସ୍ୱାଧୀନତା ଦିବସ ପାଳିତ



କୋଲକାତା : ଦକ୍ଷିଣ ପୂର୍ବ ରେଳବାଇ ମୁଖ୍ୟାଳୟ, ଗାର୍ଡେନ୍ ରିଚ୍ ରେ ୮୦ତମ ସ୍ୱାଧୀନତା ଦିବସ ଯଥାସମ୍ଭବ ଗମ୍ଭୀରତାର ସହିତ ପାଳନ କରାଯାଇଥିଲା । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ଜୈନ ଜାତୀୟ ପତାକା ଉତୋଳନ କରିଥିଲେ ଏବଂ ରେଳ ସୁରକ୍ଷା ବଳ, ନାଗରିକ ପ୍ରତିରକ୍ଷା, ସେଂଟ ଜନ୍ ଆମ୍ବୁଲାନ୍ସ ବ୍ରିଗେଡ୍ ଏବଂ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ଦଳ ଦ୍ୱାରା ପ୍ରଦର୍ଶିତ ଆନୁଷ୍ଠାନିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସ୍ୱାଧୀନତା ଦିବସରେ, ମହାପ୍ରବନ୍ଧକ ସମସ୍ତଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଥିଲେ । ମହାପ୍ରବନ୍ଧକ କହିଛନ୍ତି ଯେ SER ‘ହର ଘର ତିରଙ୍ଗା’ ଅଭିଯାନ ପାଳନ କରିଛି ଯାହା ୧୫୦ ବର୍ଷର ବନ୍ଦେ ମାତରମର ଆତ୍ମା ପ୍ରତି ଉତ୍ସର୍ଗୀକୃତ । ଦକ୍ଷିଣ ପୂର୍ବ ରେଳବାଇର ସମସ୍ତ ରେଳ କର୍ମଚାରୀ ୯ ରୁ ୧୭ ଅଗଷ୍ଟ, ୨୦୨୬ ପର୍ଯ୍ୟନ୍ତ ‘ହର ଘର ତିରଙ୍ଗା’ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି । ଅଥସାମ୍ପ୍ରତିକ ସମୟରେ SER ର ସଫଳତା ଉପରେ ଆଲୋକପାତ କରି, ଜେନେରାଲ ମ୍ୟାନେଜର କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ, SER ୨୧୦.୪୧ ନିୟୁତ ଟନ୍ ମାଲ ପରିବହନର ପ୍ରଶଂସନୀୟ ଲୋଡିଂ ହାସଲ କରିଛି । ମହାପ୍ରବନ୍ଧକ ଆହୁରି କହିଛନ୍ତି ଯେ କାର୍ଯ୍ୟକ୍ଷମ କ୍ଷମତା ବୃଦ୍ଧି କରିବା ପାଇଁ, ଗତ ଆର୍ଥିକ ବର୍ଷରୁ ଜୁଲାଇ, ୨୦୨୬ ପର୍ଯ୍ୟନ୍ତ ୫୩ କିଲୋମିଟର ଦୋହରୀକରଣ/ତୃତୀୟ ଲାଇନ କାର୍ଯ୍ୟ ସମାପ୍ତ ହୋଇଛି । ମହାପ୍ରବନ୍ଧକ କହିଛନ୍ତି ଯେ ଯାତ୍ରୀମାନଙ୍କୁ ଅଧିକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ, ଗତ ଆର୍ଥିକ ବର୍ଷରୁ ଜୁଲାଇ, ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ଷ୍ଟେସନରେ ୨୩ଟି ଫୁଟ ଓଭରବ୍ରିଜ୍, ୨୧ଟି ଲିଫ୍ଟ ଏବଂ ୧୯ଟି ଏସ୍କେଲେଟର କାର୍ଯ୍ୟକ୍ଷମ କରାଯାଇଛି । ଏହା ବ୍ୟତୀତ, ୨୬ଟି ପ୍ଲାଟଫର୍ମରେ ଉଚ୍ଚତା ବୃଦ୍ଧି, ୧୯ଟି ପ୍ଲାଟଫର୍ମର ଲମ୍ବ ବୃଦ୍ଧି ସମ୍ପୂର୍ଣ୍ଣ ହୋଇଛି ଏବଂ ଗତ ଆର୍ଥିକ ବର୍ଷରୁ ଜୁଲାଇ, ୨୦୨୬ ପର୍ଯ୍ୟନ୍ତ ୫୫ଟି ଷ୍ଟେସନରେ ୨୫୫ଟି ପ୍ଲାଟଫର୍ମ ସେଡ୍ ଯୋଗାଇ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷରେ, ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର କରିବା ପାଇଁ ୪୧୩ଟି ସ୍ୱତନ୍ତ୍ର ଟ୍ରେନ ଚଲାଯାଇଛି । ସେ କହିଛନ୍ତି ଯେ ଯାତ୍ରୀଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ SER ଗତ ଆର୍ଥିକ ବର୍ଷରୁ ଜୁଲାଇ, ୨୦୨୬ ପର୍ଯ୍ୟନ୍ତ ୧୧ଟି ରୋଡ୍ ଓଭର ବ୍ରିଜ୍ ଏବଂ ୩୩ଟି ଅଣ୍ଡରବ୍ରିଜ୍ ନିର୍ମାଣ କାର୍ଯ୍ୟ ସମାପ୍ତ କରିଛି ।

# ଉତର ଓଡ଼ିଶା ବିକାଶ ଫୋରମ୍ ପକ୍ଷରୁ ପାଳିତ ହେଲା ୮୦ ତମ ସ୍ୱାଧୀନତା ଦିବସ



ବାଲେଶ୍ୱର : ବାଲେଶ୍ୱର ଉତର ଓଡ଼ିଶା ବିକାଶ ଫୋରମ୍ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଗୋପାଳ ଗାଁ ସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଫୋରମର ସଭାପତି ଇଂ ବିଭୂପଦ ଦାସ ଜାତୀୟ ପତାକା ଉତୋଳନ କରିଥିଲେ । ପରେ ସାମୁହିକ ଭାବେ ଜାତୀୟ ସଙ୍ଗୀତ ସମସ୍ତେ ଗାନ କରାଯାଇଥିଲା । ସ୍ୱାଧୀନତା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ସଭାପତି ଇଂ ଶ୍ରୀ ଦାସ ଆଲୋଚନା କରିଥିଲେ । ଇଂରେଜ ମାନଙ୍କ କବଳରୁ ଦେଶକୁ ସ୍ୱାଧୀନ କରିଥିବା ବୀର ସଂଗ୍ରାମୀଙ୍କ ବଳିଦାନ ବିଷୟରେ ସଭାପତି ଇଂ ବିଭୂପଦ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫୋରମର ସମ୍ପାଦକ ତପନ କୁମାର ପତି, ପ୍ରତ୍ୟୁଷ କୁମାର ଘୋଷ, ବୋଇଲୋଚନ ଦାଶ, ସରୋଜ କୁମାର ପଣ୍ଡା, ସାହିରୁଲ ହକ, ପ୍ରଶାନ୍ତି ପଣ୍ଡା, ଉତ୍ପଳ ମହାପାତ୍ର, ଅସିତ୍ କୁମାର ଜୋସେଫ, ମନୋଜ କୁମାର ଖଟୁଆ , ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ୧୭ ବର୍ଷରୁ କମ୍ ରାଜ୍ୟ ଓପନ୍ ଓ ବାଳିକା ଚେସ୍ ୨୦ରୁ



ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ସୁନ୍ଦରଗଡ଼ ଜିଲ୍ଲା ଚେସ୍ ସଂଘର ସହଯୋଗରେ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ଓଡ଼ିଶା ରାଜ୍ୟ ଓପନ୍ ଓ ବାଳିକା ଚୟନ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଚାରିଦିନିଆ ଏହି ପ୍ରତିଯୋଗିତାରେ ୯୦ ମିନିଟ୍+ ପ୍ରତି ଚାଲ୍‌ରେ ୩୦ ସେକେଣ୍ଡ ଇନକ୍ରିମେଂଟ ସମୟ ନିୟମରେ ସମୁଦାୟ ୮ଟି ରାଉଣ୍ଡ ଖେଳାଯିବ । ୨୦୦୯ ମସିହା କିମ୍ବା ତା’ପରେ ଜନ୍ମଗ୍ରହଣ କରିଥିବା ଓଡ଼ିଶାର ୧୭ ବର୍ଷରୁ କମ୍ ବୟସର ଚେସ୍ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ପ୍ରତିଯୋଗିତାର ଓପନ୍ ଓ ବାଳିକା ବିଭାଗର ଶ୍ରେଷ୍ଠ ଦୁଇଜଣ ଖେଳାଳି ଆସନ୍ତା ୨୮ ସେପ୍ଟେମ୍ବରରୁ ୬ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁରେ ହେବାକୁ ଥିବା ଜାତୀୟ ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିବେ । ପ୍ରତିଯୋଗିତାରେ ମୋଟ ୩୦,୦୦୦ ଟଙ୍କାର ନଗଦ ପୁରସ୍କାର ସହିତ ୪୪ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ । ଉଭୟ ବିଭାଗର ବିଜେତା, ଉପବିଜେତା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ଟ୍ରଫି ସହ ଯଥାକ୍ରମେ ୩ହଜାର, ଅଢ଼େଇ ହଜାର ଓ ପନ୍ଦରଶହ ଟଙ୍କା ପ୍ରଦାନ କରାଯିବ । ଏଥିସହ ଶ୍ରେଷ୍ଠ ୧୦ ଜଣଙ୍କୁ ନଗଦ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯିବ । ଏହାବାଦ୍ ବିଭିନ୍ନ ବୟସ ବର୍ଗ ଓ ବାଳିକାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩ ଜଣ ଲେଖାଏଁ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ ।

## ମହିଳା ହକି ବିଶ୍ୱକପ୍

# ଚୀନ୍ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ୨-୨ରେ ଡ୍ର ରଖିଲା ଭାରତ



ଆମଷ୍ଟେଲଭିନ୍ : ସଲିମା ଟେଟେଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ହକି ଦଳ ନେଦରଲ୍ୟାଣ୍ଡସର ଆମଷ୍ଟେଲଭିନ୍‌ଠାରେ ଖେଳାଯାଇଥିବା ମହିଳା ହକି ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଚୀନ୍ ବିପକ୍ଷରେ ୨-୨ ଗୋଲ୍‌ରେ ଡ୍ର ରଖିଛି । ପ୍ୟାରିସ୍ ଓଲିମ୍ପିକ୍ସର ରୌପ୍ୟ ପଦକ ବିଜେତା ଚୀନ୍ ବିପକ୍ଷରେ ଭାରତୀୟ ଦଳ ଦୁଇଥର ଅଗ୍ରଣୀ ହାସଲ କରିଥିଲେ ସୁଦ୍ଧା ମ୍ୟାଚ୍‌କୁ ଜିତିବାରେ ଅସମର୍ଥ ହୋଇଥିଲା । ମ୍ୟାଚ୍‌ର ୮ମ ମିନିଟ୍‌ରେ ନେହାଙ୍କ ପାସ୍‌କୁ ଗୋଲ୍‌ରେ ରୂପାନ୍ତରିତ କରି ନବନୀତ ଭାରତକୁ ୧-୦ରେ ଆଗୁଆ କରିଥିଲେ । ୧୫ଶ ମିନିଟ୍‌ରେ ଶିଲ୍ପୀ ଡାବସଙ୍କ ଏକ ଫାଉଲ୍ ଯୋଗୁଁ ଚୀନ୍ ପେନାଲ୍ଟି ଷ୍ଟ୍ରୋକ୍ ପାଇଥିଲା ଏବଂ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲା । ହାଫ୍-ଟାଇମ୍‌ର ୪ ମିନିଟ୍ ପୂର୍ବରୁ ଦୀପିକା ପେନାଲ୍ଟି କୋର୍ନରରୁ ଏକ ଚମତ୍କାର ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲ୍ କରି ଭାରତକୁ ପୁଣି ୨-୧ରେ ଆଗୁଆ କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଚୀନ୍ ଜୋରଦାର ଆକ୍ରମଣ କରି ୩୯ତମ ମିନିଟ୍‌ରେ ମା ନିଙ୍ଗଙ୍କ ପେନାଲ୍ଟି କୋର୍ନର ଗୋଲ୍ ବଳରେ ସ୍ଥିତି ୨-୨ କରିଥିଲା । ଶେଷ କ୍ୱାଟରରେ ଉଭୟ ଦଳ ବିଜୟୀ ଗୋଲ୍ ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା କୌଣସି ଦଳ ଗୋଲ୍ କରିପାରି ନଥିଲେ । ମଙ୍ଗଳବାର ଭାରତୀୟ ମହିଳା ହକି ଦଳ ପରବର୍ତୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚ୍ଛଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**